## ସଂକ୍ଷେପରେ

### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

#### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

ବଣାଇ, ୧୮।୧୦(ସ୍ୱ.ପ୍ର.): ମଙ୍ଗଳବାର ସନ୍ଧ୍ୟାରେ ବଣାଇଁଗଡ ସହରର ଶୁଣ୍ଡିକୋଣ ବସ୍ତିରେ ଥିବା ଏକ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମର୍ଗ ହାଉସରେ ରଖି ତଦନ୍ତ ଚଳାଇଛି। ଶୁଣ୍ଡିକୋଣ ଅଞ୍ଚଳରେ ରହୁଥିବା ରାଜେଶ ସାହୁ (୨୫)ନିକଟରେ ଥିବା ପୋଖରୀକୁ ସନ୍ଧ୍ୟା ସମୟରେ ଗାଧୋଇବା ପାଇଁ ଯାଇଥିଲେ। ତେବେ ସେ ପିନ୍ଧିଥିବା ଚପଲ ପୋଖରୀ ତୁଠରେ ପଡି ଥିବା ବେଳେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। କିଛି ସମୟ ପରେ ତାଙ୍କର ସମ୍ପର୍କୀୟ ଭାଇ ପାଣି ଭିତରୁ ଯୁବକଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ଆଣିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଣାଇଁ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତା ଓ ଥାନା ଅଧିକାରୀ ରଞ୍ଜନ କୁମାର ନାୟକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ମୃତ ଯୁବକଙ୍କ ମାଆ ଓ ପରିବାରବର୍ଗ ତିନି ଜଣ ଯୁବକ ପୁଅକୁ ହତ୍ୟା କରିଥିବା ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ପୋଲିସ ୪ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ପ୍ରକାଶ କରିଛି।

### ଅବକାରୀ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢ଼ାଉ

ବଡ଼ଗାଁ, ୧୮।୧୦(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅବକାରୀ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ମହୁଲ ପୋଚ, ଭାଟି ରନ୍ଧା ମଦ ଓ ଦେଶୀ ରନ୍ଧା ମହୁଲି ମଦ ଜବତ କରାଯାଇଛି। ସୋମବାର ସକାଳୁ ଅବକାରୀ ସବ୍‌ଇନ୍ସପେକ୍ଟର ରାଜେଶ କୁମାର ପଟେଲଙ୍କ ସହିତ ଷ୍ଟାଫମାନେ ଟିକିଲିପଡା ପଞ୍ଚାୟତର ବରପାଏନ ଗାଁ ନିକଟ ଜଙ୍ଗଲରୁ ୪୦୦ କେଜି ମହୁଲ ପୋଚ ଜବତ କରିଥିଲାବେଳେ ବରପାଏନ ଗାଁର ଅଶ୍ରିତା ହାସଦାଙ୍କ ଘରୁ ୮ ଲିଟର ଦେଶୀ ମହୁଲି ମଦ ଜବତ କରିଥିଲେ। ସାଲେପାଲି ଗ୍ରାମର ସତ୍ୟନାରାୟଣ କିସାନଙ୍କ ଘରୁ ୩୫ଟି ଭାଟି ରନ୍ଧା ମଦ ପାଉଚ, ଲବି କିସାନଙ୍କ ଘରୁ ୧୨ ଲିଟର ଦେଶୀ ମହୁଲି ମଦ ଜବତ କରିଛନ୍ତି। କଣ୍ଟିଆମୁରା ଗ୍ରାମର କାର୍ତ୍ତିକ ବାଡାଙ୍କ ଘରୁ ୬୫ଟି ଭାଟି ରନ୍ଧା ମଦ ପାଉଚ,ଏକମାର ପଟେଲ ମାଝିଙ୍କ ଘରୁ ୧୫ ଲିଟର ଦେଶୀ ମହୁଲି ମଦ, ଚାରପାଲିର ସଲିଲ ମାଝିଙ୍କ ଘରୁ ୧୨ ଲିଟର ଦେଶୀ ମହୁଲି ମଦ, ଥବୋ କିସାନଙ୍କ ଘରୁ ୩୦ କେଜି ହାଣ୍ଡିଆ ଜବତ କରିଛନ୍ତି।

### ଯୁବକଙ୍କ ମୃତଦେହ ଜବତ

ରାଉରକେଲା ଅଫିସ,୧୮।୧୦: ରଘୁନାଥପାଲି ଥାନା ଅନ୍ତର୍ଗତ ଆଇଟିଆଇ ଓରଭବ୍ରିଜ ନିକଟରେ ଥିବା ଏକ ଗଛରେ ଜଣେ ଯୁବକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକଙ୍କ କୌଣସି ପରିଚୟ ମିଳିନାହିଁ। ସ୍ଥାନୀୟ ଲୋକେ ଯୁବକଙ୍କ ଶରୀର ଗଛରେ ଝୁଲୁଥିବା ଦେଖି ମଙ୍ଗଳବାର ଅପରାହ୍ନରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି।

# ସ୍କୁଲ ଗେଟ୍‌ରେ ତାଲା ପକାଇଲେ ଗ୍ରାମବାସୀ

**ବିଳମ୍ବରେ ଶିକ୍ଷୟିତ୍ରୀ ଶିକ୍ଷକ ପହଞ୍ଚିବା ନେଇ ଅସନ୍ତୋଷ**

- ଘଟଣାସ୍ଥଳରେ ଏବିଇଓ
- ଦୃଢ଼ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡ଼ିଲା

ବଣାଇ, ୧୮।୧୦(ସ୍ୱ.ପ୍ର.)

ସ୍କୁଲକୁ ଶିକ୍ଷୟିତ୍ରୀ, ଶିକ୍ଷକ ଅଧିକାଂଶ ସମୟ ବିଳମ୍ବରେ ଆସୁଥିଲେ। ବିଳମ୍ବରେ ନ ଆସିବା ପାଇଁ ବାରମ୍ବାର ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ତାଗିଦ ସତ୍ତ୍ୱେ ମଙ୍ଗଳବାର ପୁଣି ସ୍କୁଲକୁ ବିଳମ୍ବରେ ଆସିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ସ୍କୁଲ ଗେଟରେ ତାଲା ପକାଇ ଦେଇଥିଲେ। କାର୍ଯ୍ୟାନୁଷ୍ଠାନ ଦାବିକରି ବିକ୍ଷୋଭ କରିଥିଲେ। ଘଟଣାଟି ଘଟିଛି ସୁନ୍ଦରଗଡ଼ ଜିଲା ବଣାଇ ବ୍ଲକ ଅନ୍ତର୍ଗତ କେନାଭେଟା ଗ୍ରାମରେ। କେନାଭେଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢନ୍ତି ୧୬୮ଛାତ୍ରୀଛାତ୍ର। ପାଠ ପଢାଇବା ନିମନ୍ତେ ଜଣେ ପ୍ରଧାନ ଶିକ୍ଷକ ଓ ୬ ଶିକ୍ଷୟିତ୍ରୀ ରହିଛନ୍ତି। ସ୍କୁଲକୁ ପ୍ରାୟ ଅଧିକାଂଶ ଦିନ ବିଳମ୍ବରେ ଆସୁଥିବା ଏହି ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଗ୍ରାମବାସୀ ଆଗରୁ ତାଗିଦ କରିଥିଲେ ମଧ୍ୟ ଯେନତେନ ପ୍ରକାରେ ସ୍କୁଲ ଚାଲିଥିଲା।


ସ୍କୁଲ ବାହାରେ ଛାତ୍ରୀଛାତ୍ର, ଗ୍ରାମବାସୀ।

କିନ୍ତୁ ମଙ୍ଗଳବାର ୧୦ଟା ପରେ ଛାତ୍ରୀଛାତ୍ର ସ୍କୁଲ ବାହାରେ ଦୀର୍ଘ ସମୟ ଧରି ରୁଣ୍ଡ ହୋଇ ରହିଥିଲେ ମଧ୍ୟ ଗେଟ ନ ଖୋଲିବା କାରଣରୁ ବାହାରେ ରାସ୍ତା ଉପରେ ଛିଡ଼ା ହୋଇଥିବା ଜଣେ ଛାତ୍ରଙ୍କୁ ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ଉତ୍ତେଜନା ବୃଦ୍ଧି ପାଇଥିଲା। ପରେ ଗ୍ରାମବାସୀ ସ୍କୁଲ ଗେଟରେ ତାଲା ପକାଇ ବିକ୍ଷୋଭ କରିଥିଲେ। ଖବରପାଇ ବଣାଇ ଏବିଇଓ ସଦାନନ୍ଦ ମହାନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣା ସମ୍ପର୍କରେ ଅବଗତ କରାଇବା ସହ ସ୍କୁଲ ଚେୟାରମ୍ୟାନ ରଘୁନାଥ ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏବିଇଓ ମହାନ୍ତ ଲୋକଙ୍କୁ ବୁଝାସୁଝା କରି ତୁରନ୍ତ ତଦନ୍ତ ଜନିତ ପଦକ୍ଷେପ ନିଆଯାଇ ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଙ୍କୁ କୈଫିୟତ ତଲବ କରିବା ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କ ଦରମା ବନ୍ଦ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପ୍ରାୟ ଦେଢ ଘଣ୍ଟା ଧରି ଚାଲିଥିବା ଏହି ବିକ୍ଷୋଭ ଯୋଗୁ ବିଦ୍ୟାଳୟ ବାହାରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଘୁରି ବୁଲୁଥିବା ଦେଖାଯାଇଥିଲା।

## ୪ ଲକ୍ଷ ଟଙ୍କାର ଅମୂଲ ମିଲ୍କ କାର୍ଟୁନ ଚୋରି

### ରାଜଗାଙ୍ଗପୁର ରେଳବାଇ ପୋଲିସ ଦ୍ୱାରା ୩ ଗିରଫ



ରାଜଗାଙ୍ଗପୁର, ୧୮।୧୦(ଡି.ଏନ.ଏ)

ରାଜଗାଙ୍ଗପୁର ରେଳବାଇ ପୋଲିସ ଏକ ବଡ ସଫଳତା ହାସଲ କରିପାରିଛି। ଗତ ମାସ ୨୨ ତାରିଖ ରାତିରେ ଗୁଜରାଟରୁ କଲିକତା ଯାଉଥିବା ଏକ ମାଲବାହୀ ଟ୍ରେନ ଟାଙ୍ଗରମୁଣ୍ଡା ରେଳ ଷ୍ଟେସନରେ ରହିଥିବା ବେଳେ ଟ୍ରେନରୁ ଦୁର୍ବୃତ୍ତମାନେ ୪ ଲକ୍ଷ ୩୦ ହଜାର ଟଙ୍କାର ଅମୂଲ ମିଲ୍କ କାର୍ଟୁନ ଚୋରି କରି ଫେରାର୍ ମାରିଥିଲେ। ଚୋରି ଘଟଣାର ଅଭିଯୋଗ ପରେ ରାଜଗାଙ୍ଗପୁର ରେଳବାଇ ପୋଲିସ ଅଧିକାରୀ ଆର.ଏନ. ଯାଦବଙ୍କ ନେତୃତ୍ୱରେ ରେଳବାଇ ପୋଲିସ ଟିମ୍ ତନାଘନା କରିଥିଲା। ଏହି ଘଟଣାରେ ସଂଶ୍ଳିଷ୍ଟ ୩ ଜଣଙ୍କୁ ୧୩ ତାରିଖରେ ଗିରଫ କରିବା ସହ ସେମାନଙ୍କ ଠାରୁ ୧୫୮ ପେଟି ଅମୂଲ ମିଲ୍କ କାର୍ଟୁନ ଜବତ କରିଥିଲା ଓ ଘଟଣାର ତଦନ୍ତ ଜାରି ରହିଥିଲା। ତଦନ୍ତରେ ଏହି ଘଟଣାରେ ସଂଶ୍ଳିଷ୍ଟ ଆଉ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସମ୍ବଲପୁର ଜିଲା ଉଚକପଟ ଗୋବିନ୍ଦପୁରର ଟିକେଶ୍ୱର ବାଗ,ବାସୁଦେବ ବାଗ ଓ ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଛାମୁଣ୍ଡାର ମୌସିମ ମାଝୀ।

## ଦେବଗଡ଼ ବିଧାୟକଙ୍କ କେନ୍ଦ୍ରୀୟ ବିଦ୍ୟାଳୟ ପରିଦର୍ଶନ

ଦେବଗଡ଼, ୧୮।୧୦(ଡି.ଏନ୍.ଏ.)

ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ ପରିଦର୍ଶନ କରିଥିବା ଜଣାପଡିଛି। ବିଧାୟକ ପାଣିଗ୍ରାହୀ ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ସାହୁଙ୍କ ସହିତ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ବିଦ୍ୟାଳୟର ସ୍ଥାୟୀ କୋଠା ନିର୍ମାଣ ସହ ଅସ୍ଥାୟୀ ଭାବେ ଚାଲିଥିବା ବିଦ୍ୟାଳୟର କେତେକ ସମସ୍ୟା ଉପରେ ଆଲୋଚନା କରିଥିଲେ। ମୁଖ୍ୟତଃ ଛାତ୍ରୀଛାତ୍ରଙ୍କ ସ୍ୱଚ୍ଛ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବିଧାୟକ ପାଣ୍ଠିରୁ ଅର୍ଥ ଯୋଗାଇ ଦେଇ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ସେହିପରି ପରିଶ୍ରାଗାର ନିର୍ମାଣ ସହିତ ଅତିରିକ୍ତ କୋଠରୀ ନିର୍ମାଣ ନେଇ ପ୍ରଶାସନ ସହିତ ଆଲୋଚନା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟର ସ୍ଥାୟୀ କୋଠା ନିର୍ମାଣ ପାଇଁ କେନ୍ଦ୍ର ଶିକ୍ଷା ବିଭାଗ ମଞ୍ଜୁରୀ ମିଳିଥିବା ନେଇ ବିଧାୟକ ସୂଚନା ଦେଇଥିଲେ। ପରେ ବିଧାୟକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ଏହି ସମୟରେ ସଦସ୍ୟ ଅଶୋକ ନନ୍ଦ, ହରେକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶିକ୍ଷକ ଅରବିନ୍ଦ ଦୀକ୍ଷିତ, ମୁକେଶ କୁମାର, ପ୍ରିୟବ୍ରତ ମାଝି, ଶିକ୍ଷୟିତ୍ରୀ ନିଧି ପାଣ୍ଡେ, ରେଣୁ କୁମାରୀ, ସାହିନ ଅକତରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



କେନ୍ଦ୍ରୀୟ ବିଦ୍ୟାଳୟ କର୍ମଚାରୀଙ୍କ ସହିତ ବିଧାୟକ ଓ ଅନ୍ୟମାନେ।

## ଛାତ୍ରୀଛାତ୍ରଙ୍କ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ



ଛାତ୍ରୀଛାତ୍ର ଦେବଗଡସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ଦେବଗଡ଼, ୧୮।୧୦ (ଡି.ଏନ୍.ଏ.)

ଧନ୍ଦାମୂଳକ ଶିକ୍ଷାକୁ ପ୍ରାଥମିକତା ଦେଇ ରାଜ୍ୟ ସରକାରଙ୍କ ଉଚ୍ଚ ବିଦ୍ୟାଳୟମାନଙ୍କରେ ଧନ୍ଦାମୂଳକ ଶିକ୍ଷାର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ଏହି କ୍ରମରେ ମଙ୍ଗଳବାର ବାରକୋଟ ବ୍ଲକ ଅନ୍ତର୍ଗତ କାଦୋପଡା ଗ୍ରାମର ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଦେବଗଡସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରି କୃଷି କ୍ଷେତ୍ରରେ ପାରମ୍ପରିକ ପଦ୍ଧତି ବଦଳରେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ସମ୍ବନ୍ଧିତ ବିଭିନ୍ନ ଉପାଦେୟ ତଥ୍ୟ ହାସଲ କରିଥିଲେ। ଛାତ୍ରୀଛାତ୍ରମାନେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଥିବା ପଲି ହାଉସ, ମୃତ୍ତିକା ନମୁନା, ପରୀକ୍ଷାଗାର, ଜିଆ ଓ ଖତ ପ୍ରସ୍ତୁତି ଗୃହ, କୁକ୍କୁଡା ଫାର୍ମ, ଛତୁ ଚାଷ ସମେତ ବିଭିନ୍ନ ପ୍ରକାର ଉଦ୍ୟାନଜାତ କୃଷିଫାର୍ମ ଓ କୃଷି ବିଦ୍ୟାଳୟ ପରିଦର୍ଶନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୁଜିତ କୁମାର ନାଥ, ମୃତ୍ତିକା ବିଜ୍ଞାନୀ ଚିନ୍ମୟ ମିଶ୍ର, ଶସ୍ୟ ସଂରକ୍ଷଣ ବୈଜ୍ଞାନିକ ଲବ ସୋରେନ ଛାତ୍ରୀଛାତ୍ରଙ୍କ ବିଭିନ୍ନ ବିଷୟରେ କୃଷି ସମ୍ବନ୍ଧରେ ବୁଝାଇଥିଲେ ଏବଂ କେନ୍ଦ୍ରର କ୍ଷେତ୍ର ପରିଦର୍ଶନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯାଦବ ଚନ୍ଦ୍ର ପ୍ରଧାନ, ଧନ୍ଦାମୂଳକ ପ୍ରଶିକ୍ଷକ ରୋହିତାଶ୍ୱ ପ୍ରଧାନ ଓ ପ୍ରଶାନ୍ତ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

## ଚିତ୍ରଗୁପ୍ତ ସମାଜର ସାଧାରଣ ପରିଷଦ ବୈଠକ

### ନୂତନ କର୍ମକର୍ତ୍ତା ଚୟନ

ସୁନ୍ଦରଗଡ଼,୧୮।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଚିତ୍ରଗୁପ୍ତ ସମାଜର ଅଷ୍ଟମ ସାଧାରଣ ପରିଷଦ ବୈଠକ ସଭାପତି ଜଗଦୀଶ ପ୍ରସାଦଙ୍କ ସଭାପତିତ୍ୱରେ ଥାନାପଡାସ୍ଥିତ ଡା. ଆର୍.କେ ପ୍ରସାଦଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଆସନ୍ତା ୨୭ରେ ଚିତ୍ରଗୁପ୍ତ ମହାରାଜଙ୍କର ପୂଜନତ୍ସୋବ ସମାରୋହରେ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଚଳିତବର୍ଷ ପାଇଁ ପୂଜାର କର୍ତ୍ତାଭାବେ ଉଦିତ ପ୍ରସାଦଙ୍କୁ ଦାୟିତ୍ୱ ଦିଆଯାଇଛି। ଦୀର୍ଘ ୨ ବର୍ଷ ପରେ କରୋନା ପରିସ୍ଥିତି ସ୍ୱଭାବିକ ହେବା ପରେ ଚଳିତବର୍ଷ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ଡ:ରାଜକିଶୋର ପ୍ରସାଦ, ବୀରେନ୍ଦ୍ର କୁମାର ପ୍ରସାଦ ଓ ନିମା ପ୍ରସାଦ ଉପସଭାପତି, ଅଜିତ ପ୍ରସାଦ ସାଧାରଣ ସମ୍ପାଦକ, ଅବିନାଶ ପ୍ରସାଦ-କୋଷାଧ୍ୟକ୍ଷ, ଶୁଭମ ସହାୟ ସାଂସ୍କୃତିକ ସମ୍ପାଦକ, କାଜଲ ପ୍ରସାଦ- ଯୁଗ୍ମ ସାଂସ୍କୃତିକ ସମ୍ପାଦିକା, ଦୁଇଜଣ ମହିଳା ପ୍ରତିନିଧି ଭାବେ ଗିରିଜା ନନ୍ଦିନୀ ସହାୟ ଓ ପ୍ରମିଳା ପ୍ରସାଦଙ୍କୁ ମନୋନୀତ କରାଯାଇଛି। ଏଥିସହ ୨୪ ଜଣିଆ କାର୍ଯ୍ୟକାରୀ ଓ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି।

## କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ବିଶ୍ୱ ଖାଦ୍ୟ ଦିବସ

ସୁନ୍ଦରଗଡ଼,୧୮।୧୦(ଡି.ଏନ.ଏ.)

ବିଶ୍ୱରୁ ସମ୍ପୂର୍ଣ୍ଣ ଭାବେ ଖାଦ୍ୟାଭାବ ଦୂରୀକରଣ ଓ ପୋଷଣ ନିରାପତ୍ତାର ଲକ୍ଷ୍ୟନେଇ ରବିବାର ସୁନ୍ଦରଗଡ କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସଦର ବ୍ଲକସ୍ଥିତ ବୁଦେଲକାନି ଗ୍ରାମରେ ବିଶ୍ୱ ଖାଦ୍ୟଦିବସ ପାଳିତ ହୋଇଯାଇଛି। ଏଥିରେ କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ଼. ମନୋଜ କୁମାର ଜେନା ଏହି ଦିବସର ପାଳନର ଲକ୍ଷ୍ୟ ଓ ଆଭିମୂଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପସ୍ଥିତ କନିଷ୍ଠ ମତ୍ସ୍ୟ ଅଧିକାରୀ ଜ୍ୟୋସ୍ନାମୟୀ ଦାସ ସୁଷମ ଖାଦ୍ୟରେ ମାଛର ଭୂମିକା ଓ ମତ୍ସ୍ୟ ବିଭାଗର ଯୋଜନା ଉପରେ ବିଶେଷ ଆଲୋଚନା କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମ ସହାୟକ ମୁଦାଦା ଦିବ୍ୟନାଥ ବିଗତ ଦିନରେ ଥିବା ସୁଷମ ଖାଦ୍ୟର ଅଜ୍ଞାନତା ଓ ତତ୍‌ଜନିତ ଶିଶୁମାନଙ୍କର ଅପପୁଷ୍ଟିର ପରିବର୍ତ୍ତନ ବିଷୟରେ ବକ୍ତବ୍ୟ ରଖିଥିଲେ। ସାରୁଦ୍ଧି କୃଷକ ଉତ୍ପାଦକ ସଂସ୍ଥାର କର୍ମକର୍ତ୍ତା ଏବଂ ରାଜେଶ ନାଏକ ନିଜର ବକ୍ତବ୍ୟରେ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଚାଷୀମାନଙ୍କୁ ଖାଦ୍ୟଉତ୍ପାଦନ ବୃଦ୍ଧି ନିମନ୍ତେ ଆହ୍ୱାନ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡ଼. ଲକ୍ଷ୍ମୀପ୍ରିୟା ପ୍ରଧାନ ଖାଦ୍ୟ ନିରାପତ୍ତା ନିମନ୍ତେ ପୋଷଣଯୁକ୍ତ ଖାଦ୍ୟ ଗ୍ରହଣ, ପୋଷକଯୁକ୍ତ ଖାଦ୍ୟ ଜନିତ ବିଭିନ୍ନ ଫସଲ ଉତ୍ପାଦନ, ଖାଦ୍ୟ ଅପଚୟ ଓ ଖାଦ୍ୟ ଅପମିଶ୍ରଣ ଉପରେ ଆଲୋଚାନା କରିଥିଲେ। ସ୍ୱଚ୍ଛତା ଉପରେ ମଧ ସଚେନତନତା କରାଯାଇଥିଲା। ଏଥିରେ ବୁଦେଲକାନି ଓ ଆଖପାଖ ଗ୍ରାମର ୫୦ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କେନ୍ଦ୍ରର କାର୍ଯ୍ୟକ୍ରମ ସହାୟକ ଅରୁଣ ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦ୍ୱିବେନ୍ଦୁ ମଣ୍ଡଳ, କମଳ ଲୋଚନ ମହାନ୍ତ, ଭ୍ରମରବର ସା, ଜିତେନ୍ଦ୍ର କୁମାର ସେଠୀ, ଗଜାନନ ଛନ୍ଦ ଓ ଗ୍ରାମର ଯୋଗେଶ୍ୱର କାଲୋ, ଶ୍ରବଣ କୁମାର ନାଏକ ପ୍ରମୁଖ ସହାୟତା କରିଥିଲେ।

## କୋଶଳ ସମାଜ ପକ୍ଷରୁ ଥାନାରେ ଦାବିପତ୍ର

**ମଦ ବିକ୍ରି ବନ୍ଦ କରିବାକୁ ଦାବି**

ବଡ଼ଗାଁ, ୧୮।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ପ୍ରାୟ ଅଧିକାଂଶ ଗ୍ରାମରେ ଦେଶୀ ବିଦେଶୀ ମଦ ବିକ୍ରି ହେଉଛି। ଏହାକୁ ବନ୍ଦ କରିବା ପାଇଁ କୋଶଳ ସମାଜ ପକ୍ଷରୁ ସେପ୍ଟେମ୍ବର ୨୧ ତାରିଖ ଅବକାରୀ ଅଫିସ, ଥାନା, ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ଏବଂ ଘେରାଉ କରାଯାଇଥିଲା। ଅଞ୍ଚଳରେ ବିକ୍ରି ହେଉଥିବା ଦେଶୀ ରନ୍ଧା, ଭାଟି ରନ୍ଧା ପାଉଚ ମଦ ଓ ବିଦେଶୀ ମଦ ବିକ୍ରି ବନ୍ଦ କରିବା ପାଇଁ ଦାବିପତ୍ର ଦିଆଯାଇଥିଲା। କିନ୍ତୁ ପୋଲିସ ଓ ଅବକାରୀ ବିଭାଗ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ଉଠାଇ ସୋମବାର ବଡ଼ଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ କୋଶଳ ସମାଜ କର୍ମୀମାନେ ବୈଠକ ବସିଥିଲେ। ସେଠାରେ ଅବକାରୀ, ପୋଲିସ ଦ୍ୱାରା ଅଦ୍ୟାବଧି କୌଣସି ପ୍ରକାର ଆଖିଦୃଶିଆ ପଦକ୍ଷେପ ନିଆଯାଇ ନ ଥିବା କହି ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ସେମାନେ ଥାନାକୁ ଯାଇ ଦାବିପତ୍ର ଦେଇଥିଲେ। ସୂଚନାଯୋଗ୍ୟ ଯେ, କୋଶଳ ସମାଜର ମହା ସଚିବ ଦିଲ୍ଲୀପ କୁମାର ପଣ୍ଡା, ବ୍ଲକ କର୍ମକର୍ତ୍ତା ଦୀପ୍ତିରାଣୀ ରାଉତରାୟ, ସନ୍ତୋଷ ଧନୁଆର, ହରିପ୍ରିୟା ଭୋଇ ପ୍ରମୁଖଙ୍କ ଉପସ୍ଥିତିରେ ନଭେମ୍ବର ୧୧ ତାରିଖ ପୁରୀରେ ହେବାକୁ ଥିବା କୋଶଳ ସମାଜର ରାଷ୍ଟ୍ରୀୟ ସମ୍ମିଳନୀ ଉପରେ ବୈଠକରେ ଆଲୋଚନା କରାଯାଇଥିଲା।

## ଜାତୀୟ ପେନ୍‌ଚକ ସିଲ୍‌ଟ ପ୍ରତିଯୋଗିତା ପାଇଁ ସୁନ୍ଦରଗଡ଼ ଖେଳାଳିଙ୍କ ଯାତ୍ରା

ସୁନ୍ଦରଗଡ଼,୧୮।୧୦(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲାରୁ ପାଞ୍ଚ ଜଣ ସିନିୟର ଖେଳାଳି ଶ୍ରୀନଗର କାଶ୍ମୀରକୁ ମଙ୍ଗଳବାର ଟ୍ରେନ ଯୋଗେ ଯାତ୍ରା କରିଛନ୍ତି। ପେନ୍‌ଚକ ସିଲଟ ପ୍ରତିଯୋଗିତା ଅକ୍ଟୋବର ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଶେର କାଶ୍ମୀର ଇଣ୍ଡୋର ସ୍ପୋର୍ଟସ କମ୍ପ୍ଲେକ୍ସ ଶ୍ରୀନଗର କାଶ୍ମୀରରେ ହେବାକୁ ଥିବା ପେନ୍‌ଚକ ସିଲଟ ପ୍ରତିଯୋଗିତାରେ ସୁନ୍ଦରଗଡ଼ର ଖେଳାଳି ଭାଗ ନେବେ। ଖେଳାଳିମାନେ ହେଲେ ପ୍ରିୟମ୍ବଦା ପ୍ରଧାନ, ରାଜା ତନ୍ତୀ, ପିଣ୍ଟୁ ବର୍ମା, ଅଭିନାଶ ପଟେଲ ଓ ରାଜପ୍ରଭୁ ପ୍ରଧାନ। ସେମାନେ ଟୁଙ୍ଗଲ, ଟାଣ୍ଡିଂ ଓ ରେଗୁ ବିଭାଗରେ ଖେଳ ପ୍ରଦର୍ଶନ କରିବେ। ସେମାନଙ୍କୁ ଓଡ଼ିଶା ପେନ୍‌ଚକ ସିଲଟ ସଭାପତି ତାପସ ରାୟ ଚୌଧୁରୀ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂହ ଥାପା, ଜିଲା ସାଧାରଣ ସମ୍ପାଦକ ଶରତ କୁମାର ଦାସ, ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ, ଜିଲାର ଅଗ୍ରଣୀ ଅନୁଷ୍ଠାନ ଜନସେବା ସମିତିର ସୁଶାନ୍ତ କୁମାର ଷଡ଼ଙ୍ଗୀଙ୍କ ସହ ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି।


ସୁନ୍ଦରଗଡ଼ ଜିଲାର ଖେଳାଳି।

## ମହିଳା ବର୍ଗରେ ଦେବଗଡ଼, ପୁରୁଷରେ ଖଜୁରିବାହାଲ ଚାମ୍ପିୟନ

**ପ୍ରସିଦ୍ଧ କଣ୍ଢଳ ଗଜଲକ୍ଷ୍ମୀ ପୂଜା ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ**

ଦେବଗଡ଼, ୧୮।୧୦(ଡି.ଏନ.ଏ)


ଫୁଟବଲ ପ୍ରତିଯୋଗିତା ଫାଇନାଲରେ ଅତିଥିଙ୍କ ସହ ଖେଳାଳି।

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢଳ ଗ୍ରାମରେ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ କମିଟି ଅଗ୍ରଗତି ସଂଘ ପକ୍ଷରୁ କଣ୍ଢଳ ଖେଳ ପଡିଆଠାରେ ଚାଲିଥିବା ୧୦ଦିନିଆଁ ମହିଳା ଓ ପୁରୁଷ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ହୋଇଥିବା ମହିଳା ବର୍ଗର ଫାଇନାଲ ମ୍ୟାଚରେ ବରଗଡ ମହିଳା ଫୁଟବଲ ଦଳକୁ ଟାଇବ୍ରେକରରେ ପରାସ୍ତ କରି ଦେବଗଡ ମହିଳା ଫୁଟବଲ ଦଳ ଚାମ୍ପିୟନ ହୋଇଛି। ପୁରୁଷ ବର୍ଗରେ ବଳମ ଫୁଟବଲ ଦଳକୁ ପରାସ୍ତ କରି ଖଜୁରୀବାହାଳ ଫୁଟବଲ ଦଳ ଚାମ୍ପିୟନ ହୋଇଛି। ସନ୍ଧ୍ୟାରେ ପୂଜା କମିଟିର ସଭାପତି ହୀରାଲାଲ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ ପାଲ, ସମ୍ମାନିତ ଅତିଥି ଭାବେ ବିଜୁ ଜନତା ଦଳ ଦେବଗଡ ଜିଲା ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ , କଣ୍ଢଳ ଗ୍ରାମ ପଞ୍ଚାୟତର ସରପଞ୍ଚ ସବିତା ବେହେରା ଓ ଗୁଣନିଧି ପ୍ରଧାନ ଯୋଗଦେଇ ଉଭୟ ମହିଳା ଏବଂ ପୁରୁଷ ବର୍ଗର ଚାମ୍ପିୟନ ଓ ରନର୍ସ ଅପ୍ ଦଳଗୁଡିକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଦୀର୍ଘ ୧୦ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତା ଆୟୋଜନରେ ପୂଜା କମିଟିର ସମ୍ପାଦକ ଦୈତାରୀ ସାହୁ, ରାଜକିଶୋର ପ୍ରଧାନ, ମଣ୍ଟୁ ସାହୁ, ସଚିନ ବେହେରା ଓ ରକି ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସଂକ୍ଷେପରେ

### ହାତୀ ମୃତ୍ୟୁ ଘଟଣାରେ ୩ ଗିରଫ



ଜମନକିରା,୧୮।୧୦(ଡି.ଏନ.ଏ.): ଜମନକିରା ବ୍ଲକ ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧିନସ୍ଥ ବଡରମା ରେଞ୍ଜ ସର୍ଡା ପଞ୍ଚାୟତ ଭୁତେଲ ସେକ୍ସନରେ ଗତ ୬ ତାରିଖରେ ଗୋଟିଏ ମାଈ ହାତୀ ଓ ଗୋଟିଏ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ବନବିଭାଗ ପକ୍ଷରୁ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ତେବେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ରେଞ୍ଜର ସୁବାସ ନାୟକ ପ୍ରକାଶ କରିଛନ୍ତି। ସେମାନେ ହେଲେ ତିଲେଇମାଲ ଗ୍ରାମର ବୁଧ ବରୁଆ, ବିର୍ସା ଭଗତ ଓ କାଳିଆ ମାଝି। ସୂଚନାଯୋଗ୍ୟ ଦୁଇ ହାତୀ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଏକ ଟାସ୍କଫୋର୍ସ ଗଠନ କରାଯାଇଥିଲା।

### ବାଇକକୁ ଧକ୍କାଦେଲା ଟ୍ୟାଙ୍କର: ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ଝାରସୁଗୁଡ଼ା ଅଫିସ,୧୮।୧୦:** ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥ ଗାନ୍ଧୀଛକ ନିକଟରେ ମଙ୍ଗଳବାର ଏକ ତେଲଟ୍ୟାଙ୍କର ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ମୃତା ମହିଳା ହେଲେ ପ୍ରତିମା ରାଉତ(୫୬), ଘର ସୁନ୍ଦରଗଡ ଜିଲା ବଡଗାଁ ଥାନା ଗରିଆମାଲ ଗ୍ରାମରେ। ଗୁରୁତର ସ୍ୱାମୀ ଜଣଙ୍କ ହେଲେ ରମେଶ ରାଉତ(୬୪)। ରମେଶଙ୍କ ୨ଗୋଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ପ୍ରଥମେ ଏମ୍‌ସିଏଲ୍ ସେଣ୍ଟ୍ରାଲ ହସ୍ପିଟାଲ୍ ଓ ପରେ ବରଗଡର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଓଆର୍‌୨୩ଇ-୮୦୮୬ନଂ ତେଲ ଟ୍ୟାଙ୍କର ଓ ଦୁର୍ଘଟଣାଗ୍ରସ୍ତ ଓଡି୨୩ଏ-୨୪୮୭ନଂ ବାଇକ୍ ଜବତ କରି ତଦନ୍ତ ଚଳାଇଛି। ଏ ନେଇ ଓରିଏଣ୍ଟ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଦମ୍ପତି ବାଇକ୍‌ରେ ବନ୍ଧବାହାଲ ଝିଅଘରକୁ ଯାଉଥିବାବେଳେ ତେଲଟ୍ୟାଙ୍କର ତାଙ୍କ ବାଇକ୍‌କୁ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ଖବରପାଇ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କଲାପରେ ରାସ୍ତା ଅବରୋଧ ହଟିଥିଲା।

### ସୁରକ୍ଷାକର୍ମୀଙ୍କୁ ଛୁରାମାଡ଼

**ସମ୍ବଲପୁର,୧୮।୧୦(ବ୍ୟୁରୋ):** ସମ୍ବଲପୁର ଠେଲକୋଲୋଇ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍‌ରେ କାର୍ଯ୍ୟରତ ଜଣେ ଘରୋଇ ସୁରକ୍ଷାକର୍ମୀଙ୍କୁ ସୋମବାର ବିଳମ୍ବିତ ରାତ୍ରିରେ ଛୁରାମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଆହତ ସୁରକ୍ଷାକର୍ମୀ ହେଲେ ଜୟପ୍ରକାଶ ଗେରୁୱାଲ(୪୫)। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ମିଳିଥିବା ସୂଚନା ମୁତାବକ ସୋମବାର ରାତ୍ରି ପ୍ରାୟ ୧୧ଟା ସମୟରେ କେତେଜଣ ଦୁର୍ବୃତ୍ତ କମ୍ପାନୀ ବାଉଣ୍ଡରି କାନ୍ଥ ଡେଇଁ ଭିତରକୁ ପ୍ରବେଶ କରୁଥିଲେ। ସେ ସମୟରେ ସୁରକ୍ଷାକର୍ମୀ ଅଟକାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଜୟପ୍ରକାଶ ଗୁରୁତର ଅବସ୍ଥାରେ ବୁର୍ଲା ଭିମ୍‌ସାରରେ ଚିକିତ୍ସିତ ହେଉଛନ୍ତି।

### ଆରଟିଓ ଅଫିସରେ ଦଲାଲି କରୁଥିବା ୪ ଗିରଫ

**ରାଉରକେଲା ଅଫିସ,୧୮।୧୦:** ରାଉରକେଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ଦଲାଲିଗିରି କରୁଥିବାବେଳେ ପୋଲିସ ୪ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଖଗେଶ୍ୱର ସାହୁ, ଦଶରଥ ସିଂ, ସଚ୍ଚିଦାନନ୍ଦ ଦାସ, ରଙ୍କନିଧି ପରିଡା । ସୂଚନାଯୋଗ୍ୟ, । ଉଦିତନଗରସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଏହି ୪ ଜଣ ଦଲାଲ ଗାଡି ଲାଇସେନ୍ସ ଓ ଅନ୍ୟାନ କାଗଜପତ୍ର କରାଇ ଦେବା କହି ଲୋକଙ୍କୁ ଠକୁ ଥିଲେ। ଏନେଇ ଉଦିତନଗର ପୋଲିସ କୌଣସି ବିଶେଷସୂତ୍ରରୁ ଖବରପାଇ ହଠାତ ଉକ୍ତ କାର୍ଯ୍ୟାଳୟ ପରିସରରେ ଚଢ଼ାଉ କରିଥିଲା। ଏହି ଚଢ଼ାଉ ସମୟରେ ପୋଲିସ ୪ଜଣ ଦଲାଲଙ୍କୁ କାବୁ କରି ନେଇଥିଲା। ଏହି ଦଲାଲମାନେ ବିଭିନ୍ନ ଗ୍ରାହକ ଉକ୍ତ କାର୍ଯ୍ୟାଳୟକୁ ଆସିଲେ ସେମାନଙ୍କୁ ଡାକି ଆରଟିଓ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ କରାଇ ଦେବାକୁ କହି ଲୋକଙ୍କୁ ଲୁଟୁ ଥିଲେ। ସେମାନଙ୍କ ଠାରୁ ପୋଲିସ ନକଲି ଷ୍ଟାମ୍ପ, ଜାଲି କାଗଜପତ୍ର ଜବତ କରିଛି।

# ଆଇଆଇଏମ୍-ଫ୍ଲିପ୍‌କାର୍ଟ ମଧ୍ୟରେ ଏମ୍‌ଓୟୁ

ସମ୍ବଲପୁର,୧୮।୧୦(ବ୍ୟୁରୋ)

ବୁଣାକାର ଓ ବାନ୍ଧଶିଳ୍ପୀଙ୍କୁ ଆର୍ଥିକ ସ୍ୱଚ୍ଛଳ କରିବା ପାଇଁ ଆଇଆଇଏମ୍ ଓ ଫ୍ଲିପ୍‌କାର୍ଟ ମଧ୍ୟରେ ମଙ୍ଗଳବାର ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଆଇଆଇଏମ୍ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ, ଆକାଶ ମିଶ୍ର, ଡ. ଶୁଭ୍ରାଂଶୁ ଆଚାର୍ଯ୍ୟ, ସିଜିଏମ୍ ମନୀଷା ବାନାର୍ଜୀ, ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ଡ. ସୁରେନ୍ଦ୍ର କୁମାର ମେହେର, ରାମକୃଷ୍ଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଏମ୍‌ଓୟୁ ଦ୍ୱାରା ବୁଣାକାରମାନେ ଲାଭବାନ୍ ହୋଇପାରିବେ। ଆଇଆଇଏମ୍ ବୁଣାକାରମାନଙ୍କୁ ଆଧୁନିକ ଜ୍ଞାନକୌଶଳ ଶିକ୍ଷା ପ୍ରଦାନ କରିବ। ସମ୍ବଲପୁରୀ କପଡାକୁ କିପରି ନୂଆ ଡିଜାଇନ୍ କରିପାରିବେ, ସେ ନେଇ ବୁଣାକାରଙ୍କୁ ଶିକ୍ଷା ଦିଆଯିବ। ଏହାସହ ବୁଣାକାର ବୁଣୁଥିବା କପଡା କିପରି ଆନ୍ତର୍ଜାତିକ ବଜାରରେ ବିକ୍ରି କରିପାରିବେ, ସେ ନେଇ ଏହି ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଆଇଆଇଏମ୍ ଏଭଳି ପଦକ୍ଷେପ ନେଇଥିବାରୁ ବୁଣାକାରମାନେ ଖୁସି ପ୍ରକଟ କରିଛନ୍ତି। ଏହା ଦ୍ୱାରା ବୁଣାକାରଙ୍କ ଉତ୍ପାଦ ବିଶ୍ୱ ଦରବାରରେ ପହଞ୍ଚିପାରିବ ଓ ସେମାନେ ତାଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପାଇପରିବେ ବୋଲି ସୂଚନା ଦିଆଯାଇଛି।



ଏମ୍‌ଓୟୁ ସ୍ୱାକ୍ଷର ସମୟରେ ଆଇଆଇଏମ୍ ନିର୍ଦ୍ଦେଶକ ଓ ଅଧିକାରୀ ।

# ଆସାମ ସଂସ୍କୃତି ବିଭାଗ ସଚିବଙ୍କ ସମ୍ବଲପୁର ଗସ୍ତ

ସମ୍ବଲପୁର,୧୮।୧୦(ବ୍ୟୁରୋ)

ସମ୍ବଲପୁର କଚେରି ଛକସ୍ଥିତ ଅସାମୀୟ କବି ତଥା ସାହିତ୍ୟିକ ଲକ୍ଷ୍ମୀନାଥ ବେଜବୋରୁଆଙ୍କ ବାସଗୃହ ଓ ସାଧନା ଗୃହ ଉନ୍ନତୀକରଣ କରାଯାଉଛି। ଏହି କାର୍ଯ୍ୟର ଅନୁଧ୍ୟାନ ପାଇଁ ମଙ୍ଗଳବାର ଆସାମ ସରକାରଙ୍କ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଏଠାରେ ପହଞ୍ଚିଛନ୍ତି। ଆସାମ ସରକାରଙ୍କ ସଂସ୍କୃତି ବିଭାଗ ଅତିରିକ୍ତ ସଚିବ ମୋନିଦିପା ବରକୋଟୋପି ଓ ସଂସ୍କୃତି ବିଭାଗୀୟ ନିର୍ଦ୍ଦେଶିକା ମୀନାକ୍ଷୀ ଦାସ ଭୁବନେଶ୍ୱରଠାରେ ଓଡ଼ିଶା ସରକାରଙ୍କ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଟ୍ରେନ୍ ଯୋଗେ ସମ୍ବଲପୁରରେ ପହଞ୍ଚିଥିଲେ। ସମ୍ବଲପୁର ଷ୍ଟେଶନରେ ପୂର୍ବାହ୍ନ ୧୧ଟା ସମୟରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଜିଲାପାଳଙ୍କ ଅଫିସରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁନରୁଦ୍ଧାର କରାଯାଉଥିବା ବେଜବୋରୁଆଙ୍କ ଆବାସିକ ଗୃହ ଓ ସାଧନାକେନ୍ଦ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ବଲପୁର ସଦର ଉପଜିଲାପାଳ ପ୍ରଭାସ ଡନସନା, ସଦର ଅତିରିକ୍ତ ତହସିଲଦାର ସରୋଜା ବେହେରା, ଡିଆର୍‌ଡିଏ ପ୍ରକଳ୍ପ ଅଧିକାରୀ (ଓରମାସ) ଶ୍ରୀମନ୍ତ ହୋତା, ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ଅଧିକାରୀ ହେମନ୍ତ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ଦୀପକ କୁଲୁ, ଇଣ୍ଟାକ୍ ସମ୍ବଲପୁରର ତାରିଣୀ ପଣ୍ଡା, ଡା. ବିଭୁଦତ୍ତ ମିଶ୍ର, ବେଜବୋରୁଆ ସ୍ମୃତି କମିଟିର ସୂର୍ଯ୍ୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ବେଜବୋରୁଆଙ୍କ ଘର ପୁନରୁଦ୍ଧାର କାର୍ଯ୍ୟ ସମୀକ୍ଷା


ଆସାମ ସରକାରଙ୍କ ପ୍ରତିନିଧି ଦଳ କବି ବେଜବୋରୁଆଙ୍କ ଆବାସ ପୁନରୁଦ୍ଧାର କାର୍ଯ୍ୟ ପରିଦର୍ଶନ କରୁଛନ୍ତି ।

# ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ

### ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ସମ୍ବଲପୁର,୧୮।୧୦(ବ୍ୟୁରୋ)

ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନସ୍ଥ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ଅଧ୍ୟକ୍ଷତା କରିଥିଲେ। ସ୍ୱାଗତିକା ବେହେରା ୨୦୨୨-୨୩ବର୍ଷ ପାଇଁ ପ୍ରସ୍ତୁତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଚଳିତବର୍ଷ ଜିଲାରେ ୩୨ ବିଦ୍ୟାଳୟ ଓ ୪ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ସହରାଞ୍ଚଳ, ଗ୍ରାମାଞ୍ଚଳ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକୁ ସାମିଲ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପଙ୍କଜ ପଟେଲ, ଡିପିଏଚ୍‌ଓ ଡା. ଅଶୋକ କୁମାର ଦାସ, ଏଡିପିଏଚ୍‌ଓ ଡା. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ଡ୍ରଗ୍ସ ଇନ୍ସପେକ୍ଟର ସତ୍ୟନାରାୟଣ ମଲ୍ଲିକ, ଡିପିଏମ୍ ଏନ୍‌ଏଚ୍‌ଏମ୍ ଡ. ମୌସୁମୀ ମିଶ୍ର, ଅତିରିକ୍ତ ଏସ୍‌ପି ଜେମେସ ସମଦ, ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଏହାପରେ ଜିଲାସ୍ତରୀୟ ଖାଦ୍ୟ ନିରାପତ୍ତା ପରାମର୍ଶଦାତା କମିଟି ଏବଂ ଜିଲାସ୍ତରୀୟ ବାୟୋ ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ବୈଠକ ହୋଇଥିଲା। ସୂଚନାଯୋଗ୍ୟ, କୋଟ୍‌ପା ଆଇନ ଉଲ୍ଲଂଘନ କରିଥିବା ବ୍ୟକ୍ତିବିଶେଷଙ୍କୁ ବିଭିନ୍ନ ସମୟରେ ଜରିମାନା କରାଯାଇଛି। ଚଳିତବର୍ଷ ଏପ୍ରିଲରୁ ଅକ୍ଟୋବର ପର୍ଯ୍ୟନ୍ତ ମୋଟ ୩୦୮ ଜଣଙ୍କଠାରୁ ୫୭ ହଜାର ୧୫୦ଟଙ୍କା ଆଦାୟ ହୋଇଥିବା ବିଭାଗ ପକ୍ଷରୁ ସୂଚିତ କରାଯାଇଥିଲା।


:ଜିଲାସ୍ତରୀୟ ସମନ୍ୱୟ ବୈଠକ ।

## ଆର୍‌ସିଏମ୍‌ଏସ ସଭାପତି ଭାବେ ନିର୍ବାଚିତ ହେଲେ କୁଳମଣି

ଲହୁଣୀପଡ଼ା,୧୮।୧୦(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ଠାରେ ଅବସ୍ଥିତ ବଣେଇ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି (ଆରସ୍‌ିଏମ୍‌ଏସ)ର ସଭାପତି ପଦ ପାଇଁ ମଙ୍ଗଳବାର ଥିଲା ନାମାଙ୍କନ ପତ୍ର ଦାଖଲ। ରୁଗୁଡା ଲ୍ୟାମ୍ପସ ନିର୍ଦ୍ଦେଶକ କୁଳମଣି ପ୍ରଧାନ ସଭାପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ସମୟ ସୀମା ମଧ୍ୟରେ ଅନ୍ୟ କୌଣସି ନିର୍ଦ୍ଦେଶକ ନାମାଙ୍କନପତ୍ର ଦାଖଲ କରି ନ ଥିବାରୁ କୁଳମଣି ପ୍ରଧାନ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ଏହା ପୂର୍ବରୁ ସେ ବଣେଇ ବ୍ଲକର ଉପାଧ୍ୟକ୍ଷ ଭାବେ ମଧ୍ୟ କାର୍ଯ୍ୟ ତୁଲାଇଥିବା ଜଣାପଡିଛି। ସମବାୟ ସମିତି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇ ଯାଇଥିବା ବେଳେ ସେଥିରେ ଆରସିଏମଏସର ୧୫ ଜଣ ନିର୍ଦ୍ଦେଶକ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ର ସମବାୟ ନିର୍ବାଚନ ପ୍ରକ୍ରିୟା ଜାରିରହିଛି।

# ବିଜେଡି ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଲା

ଝାରସୁଗୁଡ଼ା ଅଫିସ,୧୮।୧୦

ବିଜେଡି ତରଫରୁ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକଙ୍କୁ ଜିଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି । ଏହି ଅବସରରେ ଜିଲା ବିଜେଡି ତରଫରୁ ମଙ୍ଗଳବାର ଏକ କର୍ମୀ ସମ୍ମିଳନୀ କରାଯାଇଥିଲା। ସମ୍ମିଳନୀରେ ଲଗାଯାଇଥିବା ବ୍ୟାନରରେ ଦଳର ନେତା ବିଜୁ ପଟ୍ଟନାୟକ, ନବୀନ ପଟ୍ଟନାୟକ, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓ ପର୍ଯ୍ୟବେକ୍ଷକ ଶାରଦା ନାୟକଙ୍କ ଫଟୋ ରହିଥିଲା। ହେଲେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତିଙ୍କ ଫଟୋ ନ ଥିଲା। ଫଳରେ ତାଙ୍କ ସମର୍ଥକମାନେ ଏହାକୁ ବିରୋଧ କରିଥିଲେ। ବିଧାୟିକା ମହାନ୍ତି ସର୍କିଟ ହାଉସ୍‌ରେ ପହଞ୍ଚି ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ପର୍ଯ୍ୟବେକ୍ଷକଙ୍କୁ ଭେଟି ନିଜର ଅସନ୍ତୋଷ ଜାହିର କରିଥିଲେ। ଏହା ଜାଣିବା ପରେ ପର୍ଯ୍ୟବେକ୍ଷକ ନାୟକ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ସହିତ ଆଲୋଚନା କରିଥିଲେ। ପରେ ପର୍ଯ୍ୟବେକ୍ଷକ ନାୟକଙ୍କ ନିର୍ଦ୍ଦେଶକ୍ରମେ ଯୁଦ୍ଧକାଳୀନ ଭିତ୍ତିରେ ବିଧାୟିକା ମହାନ୍ତିଙ୍କ ଫଟୋଥିବା ବ୍ୟାନର ପ୍ରସ୍ତୁତ କରାଯାଇ ମଞ୍ଚରେ ଲଗାଯାଇଥିଲା। ଏହାକୁ ନେଇ କର୍ମୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ଲୁଚାଇବା ପାଇଁ ପର୍ଯ୍ୟବେକ୍ଷକ ନାୟକ ତାଙ୍କ ଅଭିଭାଷଣରେ ଜିଲାର ଉଭୟ ନେତାଙ୍କ ସାଂଗଠନିକ ନେତୃତ୍ୱକୁ ପ୍ରଶଂସା କରିଥିଲେ। ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଛି ନବ ନିଯୁକ୍ତ ପର୍ଯ୍ୟବେକ୍ଷକ ଦାୟିତ୍ୱ ଗ୍ରହଣ କରୁକରୁ ଦଳର ଗୋଷ୍ଠୀ କନ୍ଦଳ ପଦାରେ ପଡିଲାଣି । ଆଗକୁ ୨୦୨୪ ନିର୍ବାଚନ ଆସୁଛି। ଜିଲାରେ ଏଭଳି ଗୋଷ୍ଠୀ କନ୍ଦଳ ରହିଲେ ପର୍ଯ୍ୟବେକ୍ଷକ ଜିଲାରେ ସଂଗଠନକୁ କିଭଳି ଆଗକୁ ନେବେ ସେ ନେଇ କର୍ମୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି । ଏ ନେଇ ଜିଲା ବିଜେଡିର ବରିଷ୍ଠ କର୍ମକର୍ତ୍ତା ତାପସ ରାୟ ଚୌଧୁରୀ କହିଛନ୍ତି, ପ୍ରେସ୍‌ରେ ବ୍ୟାନର ପ୍ରିଣ୍ଟ କଲାବେଳେ ବିଧାୟିକା ମହାନ୍ତିଙ୍କ ଫଟୋ ଛାପିବା ପାଇଁ ଭୁଲିଯାଇଛି । ଏହା ସେମିତି କିଛି ଭୁଲ ନୁହେଁ ବୋଲି ସେ କହିଛନ୍ତି।

# ବହୁଭାଷୀ ଶିକ୍ଷାର ଶିକ୍ଷକଙ୍କ ବିକ୍ଷୋଭ

ସମ୍ବଲପୁର,୧୮।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ବହୁଭାଷୀ (କିଷାନ) ଶିକ୍ଷାର ଶିକ୍ଷକମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ ସର୍ବନିମ୍ନ ଦରମା ପ୍ରଦାନ କରିବାକୁ ଦାବି ହୋଇଛି। ମଙ୍ଗଳବାର ବହୁଭାଷୀ ଶିକ୍ଷୟିତ୍ରୀଶିକ୍ଷକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ୪ଦଫା ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସମ୍ପ୍ରତି ମୁଖ୍ୟମନ୍ତ୍ରୀ ରାଜ୍ୟର ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ନେଇ ଘୋଷଣା କରିଛନ୍ତି। କିନ୍ତୁ ପରିତାପର ବିଷୟ ଯେ, ସମ୍ବଲପୁର ଜିଲାର କୁଚିଣ୍ଡା, ବାମରା, ଜମନକିରା, ଯୁଯୁମୁରା ଅଞ୍ଚଳର ୪୦ଟି ସରକାରୀ ବିଦ୍ୟାଳୟରେ ଦୀର୍ଘ ୧୫ବର୍ଷ ହେବ ନିଯୁକ୍ତି ପାଇ ୩ହଜାର ୨୦୦ଟଙ୍କା ପାରିତୋଷିକ ପାଇ କାର୍ଯ୍ୟ କରୁଛନ୍ତି। ଯୋଗ୍ୟତା ହାସଲ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକ ସରକାରଙ୍କ ନିୟମ ଅନୁସାରେ ସରକାରୀ କାର୍ଯ୍ୟଦିବସରେ ପ୍ରତିଦିନ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୪ଘଟିକା ପର୍ଯ୍ୟନ୍ତ ବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ଜିଲାର ସମସ୍ତ ଏମ୍‌ଏଲ୍‌ଇ, ଇଭି ଇନ୍‌ଷ୍ଟ୍ରକ୍ଟରଙ୍କୁ ନିୟମିତ ଶିକ୍ଷକ କରାଯାଇ ସର୍ବନିମ୍ନ ଦରମା ପ୍ରଦାନ ସହ ନିୟମିତ ଶିକ୍ଷକମାନେ ଯେଉଁ ସରକାରୀ ସୁବିଧା ସୁଯୋଗ ପାଉଛନ୍ତି ତାହା ମଧ ଦିଆଯାଉ। ପ୍ରାଥମିକ ଶିକ୍ଷକମାନଙ୍କୁ କ୍ୟାଡର ତାଲିକାରେ ସ୍ଥାନିତ କରିବା ନେଇ ଆନ୍ଦୋଳନକାରୀ ବିକ୍ଷୋଭ କରିଥିଲେ। ଆଦିବାସୀ ନୃତ୍ୟ ଓ ବାଦ୍ୟର ତାଳେ ତାଳେ ସେମାନେ ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ ପରିସରରେ ପହଞ୍ଚିଥିଲେ। ସେଠାରେ କିଷାନ ଭାଷାରେ ଗୀତ ଗାଇ ଦାବି ଉପସ୍ଥାପନ କରିଥିଲେ।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ବହୁଭାଷୀ ଶିକ୍ଷାର ଶିକ୍ଷକଙ୍କ ବିକ୍ଷୋଭ।

## ରେଳଧାରଣା କଡ଼ରୁ ମୃତଦେହ ଜବତ

**ରାଉରକେଲା ଅଫିସ,୧୮।୧୦:** ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଢୁମେତ୍ରା ଅଞ୍ଚଳରେ ଥିବା ରେଳଧାରଣା କଡରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ଯୁବକଙ୍କର କୌଣସି ପରିଚୟ ମିଳି ନ ଥିବାବେଳେ ତାଙ୍କ ବୟସ ପାଖାପାଖି ୪୫ ବର୍ଷ ଭିତରେ ହେଉଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ ମଙ୍ଗଳବାର ସାଢ଼େ ୫ଟାବେଳେ ସ୍ଥାନୀୟ ଲୋକେ ରେଳ ଲାଇନ୍ କଡରେ ରକ୍ତାକ୍ତ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ପରେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

କୁଚିଣ୍ଡା,୧୮।୧୦(ଡି.ଏନ.ଏ.)

କୁଚିଣ୍ଡା ବ୍ଲକର ବାଙ୍କେ ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ସୋମବାର ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରୁଆଭାଡି, ଅର୍ଡାବାହାଲ, ବାଉରିଗୋଡା, ଗୋଛରା ଓ ବାଙ୍କେ ପଞ୍ଚାୟତରୁ ୧୦୯ଗୋଟି ଅଭିଯୋଗ ଆସିଥିଲା। ୯୮ଗୋଟି ବ୍ୟକ୍ତିଗତ ଓ ୧୧ଗୋଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ୩୬ଗୋଟି ଅଭିଯୋଗର ଫଇସଲା କରାଯାଇଥିଲା। ଶିବିରରେ କୁଚିଣ୍ଡା ଏବିଡିଓ ସହଦେବ ନନ୍ଦ, ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ବାଙ୍କେ ସରପଞ୍ଚ ପିଙ୍କି ନାଏକ, ସମିତିସଭ୍ୟ ସମିର କଉଡି, ଗୋଛରା ସରପଞ୍ଚ ଥାନେଶ୍ୱର ନାଏକଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଉପସ୍ଥିତ ରହିଥିଲେ। ଏଥିରେ ଇଓ ଯଶୋବନ୍ତ ବିଶ୍ୱାଳ, ପ୍ରତାପ ସା, ସନକ ଗଣିକ, ହିମାଂଶୁ ପଟେଲ ପ୍ରମୁଖ ସହଯୋଗ କରିଥିଲେ।


ଅଭିଯୋଗ ଶୁଣାଣି କରୁଛନ୍ତି ଅଧିକାରୀ।

# କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ ନବନିଯୁକ୍ତ ପର୍ଯ୍ୟବେକ୍ଷକ

ଝାରସୁଗୁଡ଼ା ଅଫିସ,୧୮।୧୦

ବିଧାୟକ ସାରଦା ପ୍ରସାଦ ନାୟକ ବିଜେଡିର ଝାରସୁଗୁଡା ଜିଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ମଙ୍ଗଳବାର ସ୍ଥାନୀୟ ରାଉତରାୟ ବଗିଚାରେ ବିଜେଡି କର୍ମୀ ସମ୍ମିଳନୀରେ ନବନିଯୁକ୍ତି ପର୍ଯ୍ୟବେକ୍ଷକ ବିଧାୟକ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଶର ରୋଲ୍ ମଡେଲ କହିବା ସହ କେନ୍ଦ୍ର ଭାଜପା ସରକାରଙ୍କ ଉପରେ ବର୍ଷିଥିଲେ।

ସେ କହିଥିଲେ ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଦେଶରୁ କଳାଟଙ୍କା ଫେରାଇ ଆଣିବା ସହ ଦରଦାମ ନିୟନ୍ତ୍ରଣ ଓ ପ୍ରତିବର୍ଷ ୨କୋଟି ବେକାର ଯୁବକଙ୍କୁ ଚାକିରି ଦେବେ ବୋଲି କହିଥିଲେ। ହେଲେ କେନ୍ଦ୍ର ସରକାର ଏହାକୁ ପାଳନ ନ କରି ଦେଶବାସୀଙ୍କୁ ଭୂଆଁ ଭୁଲାଉଛନ୍ତି। ଅନ୍ୟପକ୍ଷେ ବିଜେଡି ସରକାର ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଜନହିତକର ଯୋଜନା ପ୍ରଣୟନ କରିଛନ୍ତି। ସରକାରଙ୍କ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ତାଙ୍କ ଅଭିଭାଷଣରେ କହିଥିଲେ, ରାଜନୀତିରୁ ଊର୍ଦ୍ଧ୍ୱରେ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରକୁ କାମରେ ଲଗାଇଲେ ଆଗାମୀ ଦିନରେ ଝାରସୁଗୁଡାର ନିଶ୍ଚିତ ବିକାଶ ହେବ। ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଆଗାମୀ ଦିନରେ ଝାରସୁଗୁଡା ଜିଲାରେ ଦଳ ଅଧିକ ସୁଦୃଢ ହେବବୋଲି କହିଥିଲେ। ଏହି ଅବସରରେ ଜିଲା ବିଜେଡି ତରଫରୁ ନବନିଯୁକ୍ତ ପର୍ଯ୍ୟବେକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ତୁଲାବତୀ ମିଞ୍ଜ, ଉପାଧ୍ୟକ୍ଷ ଅକ୍ଷୟ ସାହୁ, ରବି ସିଂହ, ଝାରସୁଗୁଡା ପୌରାଧ୍ୟକ୍ଷା ରାନୀ ହାତୀ, ଉପାଧ୍ୟକ୍ଷ ବୋଣୁଗୋପାଳ ପାଣିଗ୍ରାହୀ, ଲଖନପୁର ବ୍ଲକ୍ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଲଇକେରା ବ୍ଲକ୍ ଅଧ୍ୟକ୍ଷା ସଞ୍ଚିତା ନାୟକ, ଝାରସୁଗୁଡା ବ୍ଲକ୍ ଅଧ୍ୟକ୍ଷା ଚିତ୍ରାଣୀ ପଟେଲ, କିର୍ମିରା ବ୍ଲକ୍ ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁ, କୋଲାବିରା ବ୍ଲକ୍ ଅଧ୍ୟକ୍ଷ ଭୋଜରାଜ ପଟେଲ, ବ୍ରଜରାଜନଗର ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ, ବିଜେଡି ଜିଲା ଉପସଭାପତି ଶମ୍ଭୁ ମହାନ୍ତି, ଲଖନପୁର ବ୍ଲକ୍ ସଭାପତି ରବିରତ୍ନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ତାପସରାୟ ଚୌଧୁରୀ ସଭା ପରିଚାଳନା କରିଥିବାବେଳେ ପ୍ରଶାନ୍ତ ଜେନା ଧନ୍ୟବାଦ ଦେଇଥିଲେ।



କର୍ମୀ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ ।

### ଝାରସୁଗୁଡ଼ାରେ ବିଜେଡିର କର୍ମୀ ସମ୍ମିଳନୀ

## ସଂକ୍ଷେପରେ

### କାମ କରିବାକୁ ଯାଇ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ମୃତଦେହ ଆଣିବାକୁ ପ୍ରଶାସନ ପକ୍ଷରୁ ୫୦ ହଜାର ଟଙ୍କା ସହାୟତା**

**ବୌଦ୍ଧ,୧୮।୧୦(ସ୍ୱ.ପ୍ର.):** ବୌଦ୍ଧ ସହରସ୍ଥିତ ମୁସଲିମପଡାର ଅବଦୁଲ ଅରବାଜ ଖାଁ (୧୯)ଙ୍କ ତାମିଲନାଡୁରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ସେ ଦୀର୍ଘ ଦୁଇ ବର୍ଷ ହେବ କାମ କରିବାକୁ ତାମିଲନାଡୁ ରାଜ୍ୟର କୋଏମ୍ବାଟୁର ଯାଇଥିଲେ । ସେଠାରେ ଏକ ବେସରକାରୀ କମ୍ପାନୀରେ କାର୍ଯ୍ୟରତ ଥିଲେ । ଗତ ଶନିବାର ଦିନ ଅରବାଜ ଖାଁ କମ୍ପାନୀରୁ କାମ ସାରି ରହୁଥିବା ଘରକୁ ଫେରୁଥିବା ବେଳେ ଏକ ବାଇକ୍ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା । ହେଲେ ପରିବାର ଲୋକ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ମୃତଦେହ ଆଣିବା ପାଇଁ ଚିନ୍ତାରେ ପଡିଯାଇଥିଲେ । ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ବିହିତ ପଦକ୍ଷେପ ନେବାକୁ ଗୁହାରୀ କରିଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶ ପରେ ବୌଦ୍ଧ ଜିଲା ଶ୍ରମ ଅଧିକାରୀ ତେଜ କୁମାର ବାଗ ମୃତ ଅବଦୁଲ ଅରବାଜ ଖାଁଙ୍କ ଘରକୁ ଯାଇ ତଦନ୍ତ କରିବା ସହ ମୃତଦେହ ଆଣିବାକୁ ପ୍ରୟାସ ଆରମ୍ଭ କରିଥିଲେ । ମଙ୍ଗଳବାର ପ୍ରଶାସନ ପକ୍ଷରୁ ମୃତଦେହ ଆଣିବାର ବ୍ୟବସ୍ଥା କରାଯାଇଛି । ଏହାଛଡା ପ୍ରଶାସନ ପକ୍ଷରୁ ମୃତ ଅରବାଜଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିବା ଜଣାପଡିଛି ।

### ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ବିନିକା,୧୮।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଭାକକ୍ଷରେ ମଙ୍ଗଳବାର ଜିଲା ବିଜୁ ଯୁବ ଜନତା ଦଳର ସଭାପତି ଅଶୋକ ନନ୍ଦଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୧ ତାରିଖରେ ବିଶାଳପାଲି ମହାଦେବ ମନ୍ଦିରରୁ ପୂର୍ବାହ୍ନ ୯ଟା ସମୟ ରେ ପଦଯାତ୍ରା ଆରମ୍ଭ ହୋଇ ବିଭିନ୍ନ ପଞ୍ଚାୟତ ପରିକ୍ରମା କରିବା ପାଇଁ ବୈଠକରେ ସ୍ଥିର ହୋଇଛି । ବୈଠକରେ ବ୍ଲକ ଉପାଧ୍ୟକ୍ଷ ନିର୍ମଳ ଷାଣ୍ଢ, ବ୍ଲକ ଯୁବ ସଭାପତି ପ୍ରକାଶ ଚାନ୍ଦ, ଭଣ୍ଡାର ସରପଞ୍ଚ ରେଙ୍ଗଟୁ ବାଘ, ଜିଲା ପରିଷଦ ସଭ୍ୟ ବଶିଷ୍ଟ ଭରାସାଗର,ବରିଷ୍ଠ ବିଜେଡି ନେତା ଅଚ୍ୟୁତ କଣ୍ଟା, ଦିଲେଶର ହାତୀ, ବଶିଷ୍ଟ ପଣ୍ଡା, ମହେଶ୍ୱର ମହାକୁଡ଼, ସଞ୍ଜୀବ ତ୍ରିପାଠୀଙ୍କ ସମେତ ବିଜେଡି କର୍ମୀ ଯୋଗ ଦେଇଥିଲେ ।

### ସିନ୍ଦୂରପୁର ଓ ଶୁଖା ହାଇସ୍କୁଲରେ ଖୋଲିବ ଯୁକ୍ତଦୁଇ

**ସୁବର୍ଣ୍ଣପୁର ଜିଲା**

**ସୋନପୁର,୧୮।୧୦(ନି.ପ୍ର.):** ଆସନ୍ତା ଶିକ୍ଷାବର୍ଷଠାରୁ ସୁବର୍ଣ୍ଣପୁର ଜିଲାର ସିନ୍ଦୁରପୁର ଶ୍ରୀଗୋପାଳଜୀ ଆଞ୍ଚଳିକ ନୋଡାଲ ହାଇସ୍କୁଲ ଓ ଶୁଖା ନୋଡାଲ ହାଇସ୍କୁଲରେ ଯୁକ୍ତ ଦୁଇ ପାଠ୍ୟକ୍ରମ ଖୋଲିବ । ଜିଲା ପ୍ରଶାସନର ପ୍ରସ୍ତାବ କ୍ରମେ ଏହି ଦୁଇ ହାଇସ୍କୁଲର ପାହ୍ୟା ବୃଦ୍ଧି କରି ଯୁକ୍ତ ଦୁଇ ପାଠ୍ୟକ୍ରମ ଖୋଲିବାକୁ ନିଷ୍ପତ୍ତି ହୋଇଛି। ସରକାରଙ୍କ ଏହି ପଦକ୍ଷେପ ସାକାର ହେଲେ ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର ଉପକୃତ ହେବେ । ଏହାସହିତ ହାଇସ୍କୁଲ ଶିକ୍ଷା ପରେ ଦେଖା ଦେଉଥିବା ଡ୍ରପ୍ ଆଉଟ୍ ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ମତପ୍ରକାଶ ପାଇଛି । ବିନିକା ଜିଲା ପରିଷଦ ଜୋନ-୧ ଅନ୍ତର୍ଗତ ସିନ୍ଦୁରପୁରରେ ଥିବା ଶ୍ରୀ ଗୋପାଳଜୀ ଆଞ୍ଚଳିକ ନୋଡାଲ ହାଇସ୍କୁଲରେ ୨୦୨୧-୨୨ ଶିକ୍ଷାବର୍ଷରେ ୧୦୪ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି । ବିଦ୍ୟାଳୟର ଛାତ୍ରୀଛାତ୍ର ଯୁକ୍ତ ଦୁଇ ପଢିବା ପାଇଁ ୧୦ କିଲୋମିଟର ଦୂର ବିନିକା ସିଦ୍ଧାର୍ଥ ଉଚ୍ଚ ମାଧମିକ ବିଦ୍ୟାଳୟ ଉପରେ ନିର୍ଭର କରୁଛନ୍ତି । ସେହିପରି ଡୁଙ୍ଗୁରିପାଲି ଜିଲା ପରିଷଦ ଜୋନ-୧ ଅନ୍ତର୍ଗତ ଶୁଖା ନୋଡାଲ ହାଇସ୍କୁଲରେ ୨୦୨୧-୨୨ ଶିକ୍ଷା ବର୍ଷରେ ୬୭ ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ଛାତ୍ରୀଛାତ୍ର ୧୧ କିଲୋମିଟର ଦୂର ଡୁଙ୍ଗୁରିପାଲି ଉଚ୍ଚ ମାଧମିକ ବିଦ୍ୟାଳୟକୁ ଯୁକ୍ତ ଦୁଇ ପଢିବାକୁ ଯାଉଛନ୍ତି । ଆସନ୍ତା ଶିକ୍ଷା ବର୍ଷ ଠାରୁ ରାଜ୍ୟର ବିଭିନ୍ନ ଜିଲାରେ ୧୮୩ଟି ହାଇସ୍କୁଲରେ ଯୁକ୍ତ ଦୁଇ ପାଠ୍ୟକ୍ରମ ଖୋଲିବାକୁ ରାଜ୍ୟ ସରକାର ପ୍ରସ୍ତାବ ରଖିଛନ୍ତି । ଯଦି କୌଣସି ଜିଲା ପରିଷଦ ଜୋନରେ ଉଚ୍ଚ ମାଧମିକ ବିଦ୍ୟାଳୟ ନାହିଁ । କିମ୍ବା ପୂର୍ବରୁ ଦିଆ ଯାଇଥିବା ତାଲିକାରୁ ବାଦ୍ ପଡିଛି ସେଗୁଡିକର ନାମ ଅକ୍ଟୋବର ୧୮ ସୁଦ୍ଧା ଦେବାକୁ ବିଭାଗୀୟ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ନିର୍ଦ୍ଦେଶକଙ୍କ ପତ୍ରସଂଖ୍ୟା ୧୧୯୫୭ ଅନୁସାରେ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ପୁନର୍ବାର ପ୍ରସ୍ତାବ ଦେବା ପାଇଁ ଚିଠି କରିଛନ୍ତି ।

# ଯୌତୁକ ନିର୍ଯାତନା ପାଇଁ ମାରି ଦେଇଥିବା ଅଭିଯୋଗ

## ମହିଳାଙ୍କ ଆତ୍ମହତ୍ୟା ଘଟଣା

**ରାଉରକେଲା ଅଫିସ,୧୮।୧୦**

ସେକ୍ଟର-୭ ଥାନା ଅନ୍ତର୍ଗତ ଜି' ବ୍ଲକ ଅଞ୍ଚଳରେ ବାସ କରୁଥିବା ଜଣେ ମହିଳା ସୋମବାର ବେକରେ ଚୁନି ଲଗାଇ ଆତ୍ମହତ୍ୟା କରିଥିଲେ। ଉକ୍ତ ଘଟଣାର ଦିନକ ପରେ ଆତ୍ମହତ୍ୟା କରିଥିବା ମହିଳାଙ୍କ ମା ଲକ୍ଷ୍ମୀପ୍ରିୟା ବାରିକ ମଙ୍ଗଳବାର ଥାନା ଦ୍ୱାରସ୍ଥ ହୋଇ ଝିଅକୁ ଯୌତୁକ ନିର୍ଯାତନା ପାଇଁ ଶ୍ୱଶୁର ଘର ଲୋକେ ମାରି ଦେଇଥିବା ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମା' ଲକ୍ଷ୍ମୀପ୍ରିୟାଙ୍କ ଅଭିଯୋଗ ଅନୁଯାୟୀ, ଝିଅ ସସ୍ମିତା ବାରିକଙ୍କୁ ଗତ ୨୦୧୫ ମସିହା ଜୁଲାଇ ୨୨ରେ ସେକ୍ଟର-୭ ଅଞ୍ଚଳରେ ବାସ କରୁଥିବା ସମରେଶ ବାରିକଙ୍କ ସହ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଝିଅକୁ ଯୌତୁକ ବାବଦକୁ ନଗଦ ୫ ଲକ୍ଷ ଟଙ୍କା ସହ ବିଭିନ୍ନ ଘରୋଇ ଆସବାପତ୍ର ଓ ଜ୍ୱାଇଁକୁ ୨ଟି ସୁନା ମୁଦି, ଗୋଟିଏ ସୁନା ଚେନ, ଝିଅକୁ ମଙ୍ଗଳସୂତ୍ର, ହାର ଭଳି ଲକ୍ଷାଧିକ ଟଙ୍କାର ସୁନାଗହଣା ଦେଇ ବହୁ ଧୁମ୍‌ଧାମରେ ବାହାଘର କରିଥିଲେ। ଝିଅ ବାହା ହେବାର ବର୍ଷକ ଭିତରେ ସବୁ ଠିକ୍‌ଠାକ୍ ଚାଲିଥିଲା। ବର୍ଷକ ପରେ ଝିଅର ଶ୍ୱଶୁର ଘର ଲୋକେ ପୁଣି ଆଉ ଲକ୍ଷେ ଟଙ୍କା ଯୌତୁକ ମାଗିବା ଆରମ୍ଭ କରି ଦେଇଥିଲେ। ଯୌତୁକ ବାବଦକୁ ୫ଲକ୍ଷ ଟଙ୍କା ଦେବା ପରେ ସସ୍ମିତାଙ୍କ ପରିବାରର ଆର୍ଥିକ ବ୍ୟବସ୍ଥା ଭଲ ନ ଥିଲା। ହଠାତ ବର୍ଷକ ପରେ ପୁଣି ଲକ୍ଷେ ଟଙ୍କା ମାଗିବାରୁ ପରିବାର ଲୋକେ ଉକ୍ତ ଟଙ୍କା ଦେବାକୁ ଅସମର୍ଥ ଥିଲେ। ଫଳରେ ତାଙ୍କୁ ସ୍ୱାମୀ ସମରେଶଙ୍କ ସହ ଶ୍ୱଶୁର ଅରୁଣ ବାରିକ, ଶାଶୁ ସୁମତି ବାରିକ, ଦେଢ଼ଶ୍ୱଶୁର ଅମରେଶ ଓ ଯାଆ ମିନୁ ମାନସିକ ଓ ଶାରିରୀକ ନିର୍ଯାତନା ଆରମ୍ଭ କରି ଦେଇଥିଲେ। ଏନେଇ ଝିଅର ସୁନାର ସଂସାର ଭାଙ୍ଗି ନ ଯାଉ କହି ପରିବାର ଲୋକେ ଝିଅ ଓ ଜ୍ୱାଇଁଙ୍କୁ ବୁଝସୁଝା କରିଥିଲେ। ପରେ ଜ୍ୱାଇଁ ସମରେଶ ସେକ୍ଟର-୬ ଅଞ୍ଚଳରେ ଥିବା ଜି, ବ୍ଲକ ୧୪୩ ଘରେ ସସ୍ମିତାଙ୍କୁ ନେଇ ଅଲଗା ରହିଥିଲେ। ଝିଅକୁ ପରିବାର ଠାରୁ ଅଲଗା ରଖି ସମରେଶ ପୁଣି ତାଙ୍କ ମାନସିକ, ଶାରିରୀକ ନିର୍ଯାତନା ଦେଇ ଚାଲିଥିଲେ। ଚଳିତ ମାସ ୧୭ ତାରିଖରେ ଝିଅ ଆତ୍ମହତ୍ୟା ଖବର ଶୁଣିବା ପରେ ଲକ୍ଷ୍ମୀପ୍ରିୟା ମଙ୍ଗଳବାର ଥାନା ଦ୍ୱାରସ୍ଥ ହୋଇ ଝିଅ ସସ୍ମିତାଙ୍କୁ ଯୌତୁକ ନିର୍ଯାତନା ପାଇଁ ତାଙ୍କୁ ଏଭଳି ମାରି ଟାଙ୍ଗି ଦିଆଯାଇଥିବା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି। ଏନେଇ ସେକ୍ଟର-୭ ଥାନା ଅଧିକାରୀ ବିଜୟ ସିଂଙ୍କୁ ପଚାରିବାରୁ ସେ କହିଥିଲେ, ଆମେ ସ୍ୱାମୀ ସମରେଶଙ୍କ ପରିବାର ଲୋକଙ୍କ ସହ ଭେଟି ଉକ୍ତ ଘଟଣା ବିଷୟରେ ପଚରାଉଚରା ଜାରି ରଖିଛୁ। ଘଟଣାର ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ।

# କୋଏଲ ସୁରକ୍ଷା ମଞ୍ଚ ପକ୍ଷରୁ କମିଶନରଙ୍କୁ ସ୍ମାରକପତ୍ର




କୋଏଲ ସୁରକ୍ଷାମଞ୍ଚ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

**ରାଉରକେଲା ଅଫିସ,୧୮।୧୦**

ରାଉରକେଲା କୋଏଲନଗର ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟାକୁ ଯଥାଶୀଘ୍ର ସମାଧାନ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର କୋଏଲ ସୁରକ୍ଷାମଞ୍ଚ ପକ୍ଷରୁ ଆରଏମ୍‌ସି କମିଶନରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କୋଏଲ ନଗର ଅଞ୍ଚଳରେ ଭଗ୍ନ ଅବସ୍ଥାରେ ଥିବା ସ୍ୱରେଜ ସିଷ୍ଟମର ପୁନଃ ନିର୍ମାଣ, ହୋଲଡିଂ ଟ୍ୟାକ୍ସରେ ତ୍ରୁଟିପୂର୍ଣ୍ଣ ସରଳିକରଣ, ସ୍ୱଚ୍ଛ ପାନୀୟ ଜଳ ପ୍ରଦାନ, ବିଦ୍ୟୁତ ଉପଭୋକ୍ତାଙ୍କୁ ବିନା ଅବଗତରେ ବାରମ୍ବାର ବିଦ୍ୟୁତ୍ କାଟ ବନ୍ଦ କରିବା ଭଳି ୮ ଦଫା ଦାବିକୁ ନେଇ ମଞ୍ଚ ପକ୍ଷରୁ ଶତାଧିକ କର୍ମକର୍ତ୍ତା ଆରଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ତୁରନ୍ତ ସମାଧାନ ପାଇଁ ଦାବି କରିଥିଲେ। ଏଥିରେ କୋଏଲ ସୁରକ୍ଷା ମଞ୍ଚର ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ନାୟକ, ରାଜେଶ କୁମାର ସିଂ, ଭଗବାନ ରାଉତ, ନିହାର ରାୟ, ଦିପକ ଧଳ, ଅକ୍ଷୟ ରାଉତ, ଅଙ୍କୁଶ ବର୍ମା, ବିଜୟ ସିଂ, ଅଜିତ ସାମଲ, ବିଜୟ କୁମାର ରାଉତରାୟଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କୋଶଲ ରାଜ୍ୟ ସମନ୍ୱୟ ସମିତିର ବୈଠକ

**ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ନିଷ୍ପତ୍ତି**

**ବୌଦ୍ଧ,୧୮।୧୦(ସ୍ୱ.ପ୍ର.)**

ବୌଦ୍ଧର ଏକ ହୋଟେଲ ସମ୍ମିଳନୀ କକ୍ଷଠାରେ ଜିଲା କୋଶଲ ରାଜ୍ୟ ସମନ୍ୱୟ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ଇଞ୍ଜିନିୟର ବିକାଶ ମହାକୁଳଙ୍କ ସଭାପତିତ୍ୱରେ ଏହି ବୈଠକ ହୋଇଥିଲା। କୋଶଲ ରାଜ୍ୟ ସମନ୍ୱୟ ସମିତିର ରାଜ୍ୟ ସଂଯୋଜକ ପ୍ରଶାନ୍ତ ମାଝୀ, କେନ୍ଦ୍ରୀୟ ସଂଗଠନ ସଂପାଦକ ଡୋଳାମଣି ପ୍ରଧାନ, କୋଶଲବାଦୀ ନେତା ବିଭୂତି ମିଶ୍ର, କୋଶଲ ରାଜ୍ୟ ସମନ୍ୱୟ ସମିତିର ଜିଲା ଆବାହକ ଲଳିତ କୁମାର ସାହୁ, ସହସଂପାଦକ ଆନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ କୋଶଲ ରାଜ୍ୟର ଆବଶ୍ୟକତା ଓ ରାଜ୍ୟ ସରକାରଙ୍କ ଅଞ୍ଚଳ ପ୍ରତି ବୈମାତୃକ ମନୋଭାବ ଓ ବିକାଶରେ ପଶ୍ଚିମାଞ୍ଚଳ କିପରି ପଛରେ ପଡିଯାଇଛି ସେ ଉପରେ ଆଲୋଚନା କରିବା ସହ କୋଶଲ ରାଜ୍ୟ ଗଠନ ବିଷୟରେ ମତାମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଜିଲାରେ କୋଶଲ ଆନ୍ଦୋଳନକୁ ତୃଣମୂଳସ୍ତରରେ ଜୋରଦାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକରେ ତିନି ବ୍ଲକରେ ସଂଗଠନକୁ ସୁଦୃଢ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ଅରୁଣ ମେଣ୍ଡୁଲି, ହେମନ୍ତ ମେହେର, ପ୍ରମୋଦ ମେହେର, ଆକାଶ ମେହେର, ଝସକେତନ ସାହୁ, ମନୋରଞ୍ଜନ ମାହାନା, ଦଣ୍ଡଧର ରଣା, ସତ୍ୟଜିତ ମହାପାତ୍ର, ଚିନ୍ମୟ ସାହୁ, ସସ୍ମିତ ପଟ୍ଟନାୟକ, କେଦାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ

**ଝାରସୁଗୁଡ଼ା ଅଫିସ,୧୮।୧୦**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମ ଦିବସ ଅବସରରେ ବିଜେଡି ତରଫରୁ ଲଖନପୁର ବ୍ଲକ୍‌ରେ ସୋମବାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୯୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ରେଡ୍‌କ୍ରସର ମୁଖ୍ୟ ଚିକିତ୍ସକ ଡା. ଶିଲୋବତୀ ଜୋଜଙ୍କ ସମେତ ସ୍ୱାସ୍ଥ୍ୟକର୍ମୀମାନେ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ଏଥିରେ ବିଜେଡି ତରଫରୁ ବ୍ଲକ୍ ସଭାପତି ରବିରତ୍ନ ପ୍ରଧାନ, ଉପସଭାପତି ରୋହିତ ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ଜିଲା ପରିଷଦ ସଞ୍ଜୁଲତା ସେଠ୍, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୌତମ ପ୍ରଧାନ, ବ୍ଲକ୍ ଉପାଧ୍ୟକ୍ଷ ଅରୁଣ ପ୍ରଧାନ, କୁଶାସନ ପ୍ରଧାନ, ସରପଞ୍ଚ ରଘୁମଣି ପ୍ରଧାନ, ସମିତି ସଭ୍ୟ ଅନିଲ ବାରିକ, ନରେନ୍ଦ୍ର ତିହିରିଆ ପ୍ରମୁଖ ଯୋଗଦେଇଥିଲେ ।



ବ୍ଲକ୍ ଅଧ୍ୟକ୍ଷା ଶିବିରକୁ ଉଦ୍‌ଘାଟନ କରୁଛନ୍ତି ।

# ରେଙ୍ଗାଲିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ରେଙ୍ଗାଲି,୧୮।୧୦(ଡିଏନଏ)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଜୋନ ୨ କତରବଗାଠାରେ ବିଜେଡି ପକ୍ଷରୁ ମଙ୍ଗଳବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। କତରବଗା ସରକାରୀ ଡାକ୍ତରଖାନାରୁ ପଦଯାତ୍ରା ଆରମ୍ଭ ହୋଇ ବଜାର ଭ୍ରମଣ କରିଥିଲା। ଅନୁଷ୍ଠିତ ସଭାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଘରେ ଘରେ ପହଞ୍ଚାଇବା ପାଇଁ କର୍ମୀମାନଙ୍କୁ କର୍ମକର୍ତ୍ତା ପରାମର୍ଶ ଦେଇଥିଲେ। ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଦେବେନ ପତି, ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବ୍ଲକ ଯୁବ ବିଜେଡି ସଭାପତି ଦୟାନିଧି ଭଇଁସାଲ, ପୂର୍ବତନ ବିଧାୟକ ରମେଶ ପଟୁଆ, ରେଙ୍ଗାଲି ଜୋନ ୧ ଜିଲା ପରିଷଦ ସଭ୍ୟା ଚୋଳଶ୍ରୀ ମହାନନ୍ଦ, ଜିଲା ଏସ୍‌ସିଏସ୍‌ଟି ସଭାପତି ମୋତିଲାଲ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ପଦଯାତ୍ରାରେ ୨ହଜାରରୁ ଅଧିକ ଲୋକେ ସାମିଲ ହୋଇଥିଲେ।



କର୍ମୀ ସମ୍ମିଳନୀରେ ଦଳୀୟ ନେତା ।

# ଏଲଇସିର ସୁବଳୟା କଲେଜ ପରିଦର୍ଶନ

**ଅମରପାଲି,୧୮।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ମହାବିଦ୍ୟାଳୟକୁ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଲୋକାଲ ଇନକ୍ୱାରୀ ଟିମ୍ (ଏଲ.ଇ.ସି)ପରିଦର୍ଶନ କରିଛନ୍ତି। ଉକ୍ତ ଟିମ୍‌ରେ ଟିମ୍‌ର ମୁଖ୍ୟ ଡ.ସତ୍ୟନାରାୟଣ ଚାଉଲିଆ,ଡ.ସୁଶାନ୍ତ କୁମାର ପଣ୍ଡା ଏବଂ ସେକ୍ସନ ଅଫିସର ହରେକୃଷ୍ଣ ହୋତା ପ୍ରମୁଖ ପରିଦର୍ଶନରେ ଆସିଥିଲେ। ସୁବଳୟା ମହାବିଦ୍ୟାଳୟର ଅଧକ୍ଷ ବଳଦେବ ପୂଜାହାରୀ,ପରିଚାଳନା କମିଟିର ବରିଷ୍ଠ ସଭ୍ୟଙ୍କ ସମେତ ଅଧ୍ୟାପକ,କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଟିମ୍ ମହିଦ୍ୟାଳୟ ପରିଦର୍ଶନ ସମୟରେ କଲେଜର ସମସ୍ତ କାଗଜ ପତ୍ର ଯାଞ୍ଚ କରିବା ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ।

# ଦୁର୍ଘଟଣାରେ ଅଟୋଚାଳକ ମୃତ, ରାସ୍ତାରୋକୋ

**ସମ୍ବଲପୁର,୧୮।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଥାନା ଗୋଶାଳା ଛକରେ ପିକ୍‌ଅପ୍ ଓ ଅଟୋ ମଧ୍ୟରେ ଧକ୍କା ହୋଇଥିଲା। ଏଥିର ଅଟୋ ଚାଳକ ଗୋଶାଳା ନିକଟସ୍ଥ ବୌଦିଆପଡ଼ାର ରାଜେନ୍ଦ୍ର ଖଡ଼ିଆ(୫୩)ଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ୫୩କୁ ଗୋଶାଳା ଛକରେ ପ୍ରାୟ ୨୦ ମିନିଟ ଅବରୋଧ କରିଥିଲେ। ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ହୀରାକୁଦ ଏସ୍‌ଡିପିଓ ଏସ୍ ଦାଶ ପହଞ୍ଚି ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବୁର୍ଲା ପୋଲିସ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଓ ଅଟୋକୁ ଜବତ କରିଛି। ପିକଅପ ଡ୍ରାଇଭର ଆହତ ହୋଇଥିବାରୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।



ଗୋଶାଳା ଛକରେ ରାସ୍ତାରୋକ ।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

smbselfie@gmail.com



@ ଦିଲୁ



@ ସରୋଜ



@ ମୁନା



@ ଉପେନ୍ଦ୍ର



@ ରମେଶ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କୁମିନ୍ସ ନୂଆ ଅଧିନାୟକ

**ମେଲବୋର୍ନ, ୧୮।୧୦ (ପି.ଟି.):** ଆରୋନ୍ ଫିଞ୍ଚଙ୍କ ସ୍ଥାନରେ ପ୍ରମୁଖ ପେସ୍ ବୋଲର ପ୍ୟାଟ୍ କୁମିନ୍ସ ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଦଳର ନୂଆ ଅଧିନାୟକ ଭାବେ ନିଯୁକ୍ତି ପାଇଛନ୍ତି। ସେ ଆସନ୍ତାବର୍ଷ ଭାରତରେ ହେବାକୁଥିବା ଦିନିକିଆ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଦଳର ନେତୃତ୍ୱ ନେବେ।

## ଟି୨୦ କ୍ରିକେଟ ବିଶ୍ୱକପ୍: ଶ୍ରୀଲଙ୍କାର ପ୍ରଥମ ବିଜୟ

**ଗିଲଙ୍ଗ,୧୮।୧୦(ପି.ଟି.):** ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ମ୍ୟାଚ ବିପର୍ଯ୍ୟୟ ପରେ ପ୍ରଥମ ଥର ଜିତିଛି ଶ୍ରୀଲଙ୍କା ଦଳ। ଓପନର ପାଥୁମ ନିଶଙ୍କାଙ୍କ ଦୃଢ ବ୍ୟାଟିଂ ସହିତ ହସରଙ୍ଗା ଓ ଦୁଷ୍ମନ୍ତ ଚମିରାଙ୍କ ବୋଲିଂ ସଫଳତା ବଳରେ ୟୁଏଇକୁ ୭୯ ରନରେ ହରାଇଛି ଦଳ। ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ପାଥୁମ ନିଶଙ୍କାଙ୍କ ୭୪ ଓ ଧନଞ୍ଜୟ ଡି ସିଲଭାଙ୍କ ୩୩ ରନ ବଳରେ ୮ ଉଇକେଟରେ ୧୫୨ ରନ କରିଥିଲା। ୟୁଏଇ ପକ୍ଷରୁ କାର୍ତ୍ତିକ ମେୟାପ୍ପାନ ଏହି ମ୍ୟାଚରେ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଜବାବରେ ୟୁଏଇ ୧୭.୧ ଓଭରରେ ୭୩ ରନରେ ଅଲଆଉଟ ହୋଇଥିଲା। ୱାନିନ୍ଦୁ ହସରଙ୍ଗା ଓ ଦୁଷ୍ମନ୍ତ ଚମିରା ୩ଟି ଲେଖାଏ ଉଇକେଟ ନେଇଥିଲେ।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ସଂକ୍ଷେପରେ

### ସ୍କର୍ପିଓ ଧକ୍କାରେ ୩ ସ୍କୁଟି ଆରୋହୀ ଆହତ

- ସ୍କର୍ପିଓ ଛାଡ଼ି ପଳାଇଲେ ଡ୍ରାଇଭର
- ଗାଡ଼ିରୁ ମିଳିଲାଣି ୧ କୁଇଣ୍ଟାଲ ଗଞ୍ଜେଇ

ଲୋଇସିଂହା,୧୮।୧୦(ଡି.ଏନ.ଏ): ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥର ବଲାଙ୍ଗୀର ଜିଲା ଲୋଇସିଂହା ବସ୍‌ଷ୍ଟାଣ୍ଡରେ ମଙ୍ଗଳବାର ଅପରାହ୍ନରେ ସ୍କର୍ପିଓ ଧକ୍କାରେ ସ୍କୁଟିରେ ଥିବା ୩ ଆରୋହୀ ଆହତ ହୋଇଛନ୍ତି। ସେମାନେ ହେଲେ ଲୋଇସିଂହା ପତ୍ରାପାଲିର ରଞ୍ଜନ ପଧାନ, ବ୍ରଜ ପଧାନ ଓ ରମେଶ ମାଝି। ସ୍ଥାନୀୟ ପୋଲିସ ଆହାତଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଛି। ଅପରପକ୍ଷେ ଦୁର୍ଘଟଣା ଘଟାଇଥିବା ସ୍କର୍ପିଓକୁ ଛାଡି ଡ୍ରାଇଭର ଓ ଅନ୍ୟ ୨ଜଣେ ଫେରାର ହୋଇ ଯାଇଛନ୍ତି। ରାସ୍ତା ମଝିରେ ଥିବା ଗାଡିକୁ ଥାନାକୁ ନିଆଯାଇଛି। ବଲାଙ୍ଗୀର ପଟୁ ଆସୁଥିବା ସ୍କର୍ପିଓ (ଓଡି୧୪ ଏ ୫୦୫୨) ସାମନା ପଟରୁ ଆସୁଥିବା ସ୍କୁଟି(ଓଡି୦୩ ପି ୧୫୧୦)କୁ ଧକ୍କା ଦେଇଥିଲା। ସ୍କୁଟିରେ ଥିବା ଆରୋହୀ ରାସ୍ତାକୁ ଛିଟିକି ପଡିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପ୍ରାରମ୍ଭିକ ଯାଞ୍ଚ ପରେ ସ୍କର୍ପିଓରେ ୧କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ବୁଧବାର ଏ ନେଇ ସବିଶେଷ ତଥ୍ୟ ଦିଆଯିବ ବୋଲି ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି।

### ଦିଲ୍ଲୀରେ ଜାତୀୟସ୍ତରୀୟ ପଞ୍ଚାୟତିରାଜ ତାଲିମ ଶିବିର

**ଭାଗ ନେବେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ**



ଭବାନୀପାଟଣା,୧୮।୧୦(ସ୍ୱ.ପ୍ର.) - କେନ୍ଦ୍ର ସରକାରଙ୍କ ପକ୍ଷରୁ ବୁଧବାର ଓ ଗୁରୁବାର ୨ ଦିନ ଧରି ଦିଲ୍ଲୀରେ ଜାତୀୟସ୍ତରୀୟ ପଞ୍ଚାୟତିରାଜ ତାଲିମ ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ରାଜ୍ୟର କେବଳ ୨ଜଣ ବ୍ଲକ ଅଧକ୍ଷ ଭାଗ ନେବା ପାଇଁ ଚୟନ ହୋଇଛନ୍ତି। ସେଥିମଧ୍ୟରୁ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ତଥା ବ୍ଲକ ଅଧକ୍ଷ ସଂଘ ଜିଲା ସଭାପତି ବିନ୍ଦୁ ମହାନନ୍ଦ ରହିଛନ୍ତି। ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଚୟନ କରାଯାଇଥିବାବେଳେ ଜିଲା ପ୍ରଶାସନର ପତ୍ର ଅନୁସାରେ ସେ ଦିଲ୍ଲୀ ଗସ୍ତ କରିଛନ୍ତି। ଦିଲ୍ଲୀରେ ଆୟୋଜିତ ଜାତୀୟସ୍ତରୀୟ ତାଲିମ ଶିବିରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ମହାନନ୍ଦ ଭାଗ ନେବା ଖବର ଶୁଣି ଜିଲା ବ୍ଲକ ଅଧକ୍ଷ ସଂଘ ସମେତ ସ୍ଥାନୀୟ ବ୍ଲକବାସୀ ବେଶ ଉତ୍ସାହିତ ହୋଇଛନ୍ତି। ତାଲିମ ଶିବିରରେ ଚୟନ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ସୁଶାନ୍ତ ପଟେଲ ଓ ଏପିଡି ବିମ୍ବାଧର ସାହୁଙ୍କୁ ଧନ୍ୟବାଦ ଜଣାଇଛନ୍ତି ବ୍ଲକ ଅଧକ୍ଷ ମହାନନ୍ଦ।



ହରିଶଙ୍କର-ନୃସିଂହନାଥ ରୋପୱେ ନିର୍ମାଣ ଦାବିରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

# ହରିଶଙ୍କର-ନୃସିଂହନାଥ ରୋପ୍‌ୱେ ନିର୍ମାଣ ଦାବି ତେଜିଲା

**ଜିଲାପାଳ ଅଫିସ ଘେରାଉ, ଦାବିପତ୍ର ପ୍ରଦାନ**

ବଲାଙ୍ଗୀର ଅଫିସ,୧୮।୧୦

ହରିଶଙ୍କର-ନୃସିଂହନାଥ ରୋପୱେ ନିର୍ମାଣ ଦାବିରେ କୋସଲ ରାଏଜ୍ ମୁକ୍ତି ମୋର୍ଚ୍ଚା (କେଏମ୍‌ଏମ୍) ଆନୁକୂଲ୍ୟ ଏବଂ କୋସଲ ରାଜ୍ୟସମନ୍ୱୟ ସମିତି (କେଏସ୍‌ସିସି) ସମର୍ଥନରେ ମଙ୍ଗଳବାର ବଲାଙ୍ଗୀର ଜିଲାପାଳ ଅଫିସ ଘେରାଉ କରାଯାଇଥିଲା। ବଲାଙ୍ଗୀର ଆହ୍ୱାନ କମିଟି ଯୁବ ସାମୁଖ୍ୟ ସଭାପତି ବିନୋଦ କାଲସାଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭା ଓ ଧାରଣା କାର୍ଯ୍ୟକ୍ରମକୁ କୋସଲବାଦୀ ଶ୍ରମିକ ନେତା ବିଭୁଦତ୍ତ ମିଶ୍ର ସଂଯୋଜନା କରିଥିଲେ। ସଭାରେ ହରିଶଙ୍କର-ନୃସିଂହନାଥ ରୋପୱେ ନିର୍ମାଣକୁ ନେଇ ଆଞ୍ଚଳିକ ବୈଷମ୍ୟ ସ୍ପଷ୍ଟ ବୋଲି ବହୁ ନେତା ଓ ପ୍ରତିନିଧି ମତ ଦେଇଥିଲେ। ସଭାରେ କେଏମ୍‌ଏମ୍ ଆବାହକ ମଣ୍ଡଳୀ ସଦସ୍ୟ ସୁଶୀଳ ଗୁରୁ, ଡିଙ୍ଗର କୁମ୍ଭାର ଓ ସୁବାସ ଆଚାର୍ଯ୍ୟ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ତୀବ୍ର ସମାଲୋଚନା କରିଥିଲେ। ଆର୍ଥିକ ଦିଗରୁ ବହୁ ପଛରେ ପଡିଥିବା କୋସଲାଞ୍ଚଳ ପ୍ରତି ରାଜ୍ୟ ସରକାରଙ୍କ ନୀତିରେ କୌଣସି ପରିବର୍ତ୍ତନ ହୋଇନାହିଁ ଓ ହରିଶଙ୍କର-ନୃସିଂହନାଥ ରୋପୱେ ସ୍ଥାନାନ୍ତରଣ ଏହାର ସଦ୍ୟତମ ଉଦାହରଣ ବୋଲି ବକ୍ତାମାନେ କହିଥିଲେ। ସଭାରେ କୋସଲ ରାଜ୍ୟ ସମନ୍ୱୟ ସମିତି ସଦସ୍ୟ ଅବଦୁଲ ଜମାଲ ଖାନ, ମନୋରଞ୍ଜନ ସାହୁ, ରବିଶଙ୍କର ମିଶ୍ର, ରଣରାଜ ସିଂଦେଓ, କୋସଲ ଯୁବଶକ୍ତିର ଶାନ୍ତନୁ କୁମାର ବୁଦ୍ଧିଆ, ସୁଶୀଳ ନାଏକ, ଆଲୋକ କୁମାର ବୁଡେକ ଏବଂ କୋସଲ ସଂଘର୍ଷ ବାହିନୀର ଅଭିଳାଷ ଭୋଇ, ବିମଳେନ୍ଦୁ ସାହୁ ଧାରଣରେ ଯୋଗଦେଇଥିଲେ। ରାଜ୍ୟ ସରକାର କାଳ ବିଳମ୍ବ ନକରି ତୁରନ୍ତ ହରିଶଙ୍କର-ନୃସିଂହନାଥ ଠାରେ ରୋପୱେ ନିର୍ମାଣ କରିବାକୁ ସେମାନେ ଦାବି କରିଥିଲେ। ଏହି ଧାରଣାରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ସଂଘର୍ଷ ସମିତି ଆବାହକ ଗୋପାଳଜୀ ପାଣିଗ୍ରାହୀ, ନାରୀନେତ୍ରୀ ନିରୂପମା ଉଦ୍‌ଗାତା, ବ୍ୟାଙ୍କ କର୍ମଚାରୀ ନେତା ପୁଲିନ ମିଶ୍ର, କିଶୋର ପୁରୋହିତ, କେଏସ୍‌ସିସିର ଶରତ ହୋତା, ଲାଲମନ ନାଗ, ନୀଳମଣି ମିଶ୍ର, ମନୋରଞ୍ଜନ ମିଶ୍ର, ପୂର୍ବତନ ସୈନିକ ସଂଘର ବିଭୂତି ଭୂଷଣ ପାଣିଗ୍ରାହୀ, ପ୍ରତାପ ଚନ୍ଦ୍ର ରଥ, କେକେଡି ଜିଲା ସଭାପତି ପ୍ରଭାସ ମିଶ୍ର, ସ୍ୱାଧୀନ ମିଶ୍ର, ଚାଷୀ ନେତା ମଧୁସୂଦନ କ୍ଷେତି, ମୋତିଲାଲ ମିଶ୍ର, ପ୍ରଦ୍ୟୁମ୍ନ ବାବୁ ଉପସ୍ଥିତ ଥିଲେ। ପରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଏହି ରୋପୱେ ନିର୍ମାଣ ସମ୍ପର୍କରେ ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଜଳ ଯୋଗାଣ ପ୍ରକଳ୍ପରୁ ବିଭିନ୍ନ ସାମଗ୍ରୀ ଚୋରି, ଜଳ ଯୋଗାଣ ବନ୍ଦ

ଖଡ଼ିଆଳ,୧୮।୧୦(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ନେହେନା ଗ୍ରାମପଞ୍ଚାୟତ ଜଳଯୋଗାଣ ପ୍ରକଳ୍ପର ୬୫ ମିଟର କେବୁଲ ଚୋରି ହୋଇଥିବା ୧୬ ତାରିଖରେ ଥାନାରେ ଅଭିଯୋଗ ହୋଇଛି। ଏହି ଜଳଯୋଗାଣ ପ୍ରକଳ୍ପରୁ ୪ ଥର ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବାରୁ ଜଳ ଜଳଯୋଗାଣ ବନ୍ଦ ରହିଥିବା ବେଳେ ଗତ ଫେବୃୟାରୀ ୨ ତାରିଖରେ ମଧ୍ୟ କେବୁଲ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ନେହେନା ଜଳ ଯୋଗାଣରୁ ନେହେନା ଗ୍ରାମ, ବିଛନାପାଲି, ରାଧାକୃଷ୍ଣ ପଡା, ରାଉତ ପଡା, ଖମାରୀ ପଡା, କଲୋନୀ ପଡା, ବାଗ ପଡାକୁ ଜଳ ଯୋଗାଣ ହେଉଥିଲା। ବର୍ତ୍ତମାନ ୭ ହଜାରରୁ ଅଧିକ ଜନସାଧାରଣ କେବୁଲ ଚୋରି ଯୋଗୁ ପାଣି ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଖଡ଼ିଆଳ ବ୍ଲକ ବଙ୍କାପୁର, ଖାସବାହାଲ, ଗଦ୍ରାମୁଣ୍ଡା, ଋଷି ଗାଁରେ ଥିବା ପାଣି ପ୍ରକଳ୍ପରୁ ମଧ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମସ୍ୟା ସମାଧାନ କରି ଜଳ ଯୋଗାଣ ସ୍ୱାଭାବିକ କରିବାକୁ ଦାବି କରିଛନ୍ତି।

# ବଢୁଛି ବୁଲା କୁକୁରଙ୍କ ଦୌରାତ୍ମ୍ୟ

ଲାଠୋର, ୧୮।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ବଢି ଚାଲିଛି। ପଞ୍ଚାୟତ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନାହିଁ। ଫଳରେ ଲୋକେ କୁକୁର କାମୁଡ଼ାର ଶିକାର ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭିନ୍ନ ସ୍ଥାନରୁ ଚାରିଚକିଆ ଯାନରେ କୁକୁରଙ୍କୁ ଆଣି ଲାଠୋର ଲାନ୍ଥ ନଦୀକୂଳରେ ଛାଡ଼ି ଦେଉଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଏହିସବୁ କୁକୁର ଗ୍ରାମର ବିଭିନ୍ନ ଛକ ତଥା ଜନଗହଳି ସ୍ଥାନରେ ଘରି ବୁଲୁଛନ୍ତି। ବିଶେଷ କରି ରେଳ ଫାଟକ, ଅଗ୍ରସେନ ଭବନ ସମ୍ମୁଖ, ବସ୍‌ଷ୍ଟପରେ କୁକୁରଙ୍କ ଦୌରାତ୍ମ୍ୟ ଅସହ୍ୟ ହେଲାଣି। ଯାନବାହାନ ତଥା ପଥାଚାରୀଙ୍କୁ ଗୋଡାଇ କୁକୁର କାମୁଡୁଛନ୍ତି। ପାଠ ପଢିବାକୁ ସ୍କୁଲ ଯାଉଥିବା ଛୋଟ ପିଲାମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଅପରପକ୍ଷରେ ଲାଠୋର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡ଼ା ଇଞ୍ଜେକସନ ମହଜୁଦ ରହୁ ନଥିବାରୁ ଆହୁରି ସମସ୍ୟା ଦେଖାଦେଇଛି। କୁକୁର କାମୁଡାରେ ଆକ୍ରାନ୍ତ ଲୋକେ ଖପ୍ରାଖୋଲ, ପାଟଣାଗଡ଼ ଆଦି ସ୍ଥାନକୁ ଯାଇ ଇଞ୍ଜେକସନ ନେଉଛନ୍ତି। ଯେଉଁମାନେ ଯାଇ ପାରୁ ନାହାନ୍ତି ସେମାନେ ଚେରୀମୂଳି ଉପରେ ଭରସା କରୁଛନ୍ତି। ପଞ୍ଚାୟତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।



ଲାଠୋର ବଜାରରେ କୁକୁର ପଲ।

## ଥାନା ସମ୍ମୁଖରେ ଭାଜପାର ବିକ୍ଷୋଭ ପ୍ରଦର୍ଶନ

ନୂଆପଡ଼ା ଅଫିସ/ଖଡ଼ିଆଳ, ୧୮।୧୦(ଡି.ଏନ.ଏ.)

ସେପ୍ଟେମ୍ବର ୧୪ ତାରିଖ ରାତିରେ ଦାଦାବଟିକୁ ନେଇ ଗୁଳିକାଣ୍ଡରେ ନୂଆପଡ଼ା ଜିଲା କୋମନା ଥାନା ନୂଆଗାଁ ପଞ୍ଚାୟତ ଠୁଟିବର ଗାଁର କୁମୁଦିନି ଶବର (୪୦)ଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ଦୀର୍ଘ ୧ ମାସ ପରେ ବି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ପୋଲିସର ନିଷ୍କ୍ରିୟତା ଓ ଅବହେଳା ବିରୋଧରେ ମଙ୍ଗଳବାର କୋମନା ବ୍ଲକର ୩ଟି ମଣ୍ଡଳ ସୁନାଦେଇ, ପାତାଳେଶ୍ୱର ଓ ବଞ୍ଜାରୀ ମଣ୍ଡଳର ମିଳିତ ଆନୁକୂଲ୍ୟରେ ଭାଜପାର ପୂର୍ବତନ ଜିଲା ସଭାପତି ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ଶହ ଶହ ଭାଜପା କର୍ମକର୍ତ୍ତା, ନେତୃମଣ୍ଡଳୀ ଓ ମହିଳା ସାମିଲ ହୋଇଥିଲେ। ଭାଜପା ପକ୍ଷରୁ ୬ଦଫା ଦାବିପତ୍ର ନୂଆପଡା ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁନାଦେଇ ମଣ୍ଡଳ ସଭାପତି ବିକ୍ରମ ଆଡ଼ବଙ୍ଗ, ପାତାଳେଶ୍ୱର ମଣ୍ଡଳ ସଭାପତି ଚନ୍ଦନ ଠାକୁର, ଏସସି ମୋର୍ଚ୍ଚା ଉପସଭାପତି ମନିଜର ଆର୍ଯ୍ୟ, ସରୋଜ ମଲ୍ଲିକ, କରୁଣା ହୋତା, ଘନଶ୍ୟାମ କରୁଆ, ନିଲ ନାଗ, ଅଜୟ ସାହୁ, ଇନ୍ଦ୍ରମଣି ସୁନା, ଝରଣା ବୋଉକ, ଗୀତା ଦୁରିଆ, ପଙ୍କଜିନି ନାଏକ, ପଙ୍କଜିନି ବାଗ, ଲୀଳାବତୀ ପୋଢ଼, ମିନା ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

## ଇନ୍ଦ୍ରାବତୀ ନଦୀରେ ଭାସି ବୃଦ୍ଧ ନିଖୋଜ

ଭବାନୀପାଟଣା,୧୮।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ତଳଝାପି ପଞ୍ଚାୟତ ଅଧୀନ ନିକେଶଯୋର୍ ଗ୍ରାମର ଉଦୟନାଥ ନାଏକ (୬୨) ନାମକ ଜଣ ବୃଦ୍ଧ ମଙ୍ଗଳବାର ଇନ୍ଦ୍ରାବତୀ ନଦୀରେ ଭାସି ନିଖୋଜ ଥିବା ସୂଚନା ମିଳିଛି। ଇନ୍ଦ୍ରାବତୀ ନଦୀର କାଠକୁରା-ନିକେଶଯୋର୍ ଘାଟରେ ମଙ୍ଗଳବାର ଅପରାହ୍ନରେ ଥୁଆମୂଳ ରାମପୁର ମୁଖ୍ୟାଳୟଠାରୁ ନିଜ ଗାଁ ନିକେଶ ଯୋର୍‌କୁ ଫେରୁଥିବା ବେଳେ ନଦୀ ଘାଟରେ ପାରି ହେବା ବେଳେ ଏହି ଅଘଟଣ ଘଟିଥିବା ସୂଚନା ମିଳିଛି। ଖବର ପାଇ ଦମକଳ ବିଭାଗର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନଦୀ ମଧ୍ୟରେ ଖୋଜାଖୋଜି କରିଥିଲେ। ଅନ୍ଧାର ହେବାରୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ବୁଧବାର ପୁଣି ଉଦ୍ଧାର କାର୍ଯ୍ୟ ଚାଲିବ ବୋଲି ଦମକଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଜଳ ପରିଚାଳନା ତାଲିମ ଶିବିର



ଶିବିରରେ ଉପସ୍ଥିତ ତାଲିମାର୍ଥୀ।

ଖପ୍ରାଖୋଲ,୧୮।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୃଷି କାର୍ଯ୍ୟାଳୟ ତାଲିମ ଗୃହରେ ଏଫଇଏସ ଭୁବନେଶ୍ୱର ଓ କୃଷି ବିଭାଗ ମିଳିତ ଆନୁକୂଲ୍ୟରେ ଜଳ ପରିଚାଳନା ସମ୍ପର୍କିତ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବ୍ଲକ କୃଷି ଅଧିକାରୀ ଉମ୍ବରୁଧର ମେହେର ଉଦ୍‌ଘାଟନ କରିଥିଲେ। ତାଲିମଦାତାଭାବେ ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇ, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ଯୋଗଦେଇ ଜଳ ପରିଚାଳନ ଉପରେ ଆଲୋକପାତ କରିଥିଲେ। ବର୍ଷା ଜଳ ସଂରକ୍ଷଣ, ଜଳ ଉତ୍ସ, ଭୂପୃଷ୍ଠ ଜଳ, ଭୂତଳ ଜଳ ପରିଚାଳନା ଉପରେ ତାଲିମ ପ୍ରଦାନ କରିଥିଲେ। ଶିବିରରେ ପାଣି ଖେଳ ଓ ପାଣି ଚାଷ ବଜେଟ ଉପରେ ଆଲୋଚନା ହୋଇଥିଲା। କୃଷି କର୍ମଚାରୀ, କୃଷକ ସାଥୀ ଓ କୃଷି ମିତ୍ରମାନେ ଶିବିରରେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ବ୍ଲକର ବିଭିନ୍ନ ଗାଁରେ ଜଳ ପରିଚାଳନା ସଚେତନତା କରାଯିବ ବୋଲି ଏହି ଅବସରରେ ସୂଚନା ଦିଆଯାଇଥିଲା।

# କଚ୍ଛପ ଗତିରେ ଚାଲିଛି ଗ୍ରାମୀଣ ପକ୍କାଘର ନିର୍ମାଣ

ଲୋଇସିଂହା,୧୮।୧୦(ଡି.ଏନ.ଏ)

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମୀଣ ଆବାସ ଯୋଜନାକୁ ନେଇ ଆନେକ ସମୟରେ ମୁହାଁମୁହିଁ ହେଉଛନ୍ତି । ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ବିଗତ ୭ ବର୍ଷ ମଧ୍ୟରେ ଗ୍ରାମୀଣ ପକ୍କାଘର ନିର୍ମାଣ ଧିମେଇ ଯାଇଛି। ପ୍ରଶାସନିକ ତଦାରଖ ଅଭାବରୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ଫଳରେ ସରକାରଙ୍କ ଲକ୍ଷ୍ୟ ଏଠାରେ ବିଚ୍ୟୁତ ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି ।

୨୦ ପଞ୍ଚାୟତକୁ ନେଇ ଲୋଇସିଂହା ପଞ୍ଚାୟତ ସମିତି ଗଠିତ। ୨୦୧୬-୧୭ରୁ ୨୦୨୦-୨୧ ଆର୍ଥିକ ବର୍ଷରେ ବ୍ଲକରେ ୭୨୩ଜଣ ହିତାଧିକାରୀଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟାଦେଶ ବଣ୍ଟନ ହୋଇଛି। ଏଥିରୁ ମାତ୍ର ୩୮ ଘର ସମ୍ପୂର୍ଣ୍ଣ ହୋଇ ହିତାଧିକାରୀ ପରିବାର ସହ ରହୁଛନ୍ତି । ଏହା ଟାର୍ଗେଟର ୫.୨୬ ପ୍ରତିଶତ ବୋଲି ମିଳିଥିବା ତଥ୍ୟରୁ ଜଣାଯାଇଛି। ୫୧୩ ଭୂମିହୀନ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳିଛି । ୪୮ ହିତାଧିକାରୀ ପ୍ଲିନ୍ଥଲେଭଲ ଏବଂ ୬୭ହିତାଧିକାରୀ ପ୍ଲିନ୍ଥରୁ ଉପର ପର୍ଯ୍ୟନ୍ତ କାମ କରି ପକାଇ ରଖିଛନ୍ତି। ଅପରପକ୍ଷେ ୫୪ ହିତାଧିକାରୀ ଛାତ ପର୍ଯ୍ୟନ୍ତ କାମ ସାରିଛନ୍ତି। ୧୭୬ ହିତାଧିକାରୀଙ୍କ ଘର ଅସମ୍ପୂର୍ଣ୍ଣ ରହିଛି। ଗୋଟିଏ ବର୍ଷ ହେଲା ୫ ହିତାଧିକାରୀ ପରିବାର ବାହାରକୁ ଦାଦାନ ଖଟିବାକୁ ଯାଇଛନ୍ତି। ସେହିପରି ୧୨ ହିତାଧିକାରୀଙ୍କ ପରିବାର ଦୀର୍ଘବର୍ଷ ହେଲା କାର୍ଯ୍ୟାଦେଶ ନେଇ ବାହାରେ ଦାଦନ ଖଟୁଛନ୍ତି । ୩୦ ହିତାଧିକାରୀ ଜମି ସମସ୍ୟା ଯୋଗୁ ଘର ନିର୍ମାଣ କରିପାରି ନାହାନ୍ତି। ମୃତ ୭ ହିତାଧିକାରୀଙ୍କ ଉତ୍ତରାଧିକାରୀ ନଥିବା ମିଳିଥିବା ତଥ୍ୟରୁ ଜଣାଯାଇଛି । ବର୍ଷବର୍ଷ ହେଲା ୧ଶହ ହିତାଧିକାରୀ କାର୍ଯ୍ୟାଦେଶ ପାଇ ମଧ୍ୟ ଘର କାମ କରୁନାହାନ୍ତି । ମାତ୍ର ୨୨ ହିତାଧିକାରୀ ଘର କାମ କରୁଥିବା ମିଳିଥିବା ତଥ୍ୟରୁ ଜଣା ପଡିଛି।

# ପିଲାଙ୍କ ପାଖରେ ଭ୍ରାମ୍ୟମାଣ ପାଠାଗାର

ଟିଟିଲାଗଡ଼, ୧୮।୧୦ (ଡି.ଏନ.ଏ.)

ଅବସରପ୍ରାପ୍ତ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ବୃନ୍ଦାବନ କୁମ୍ଭାର ପିଲାଙ୍କ ମଧ୍ୟରେ ପୁସ୍ତକ ପ୍ରତି ରୁଚି ବୃଦ୍ଧି ନେଇ ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ୍ୱ କାଳ ହେଲା ବିଦ୍ୟାଶ୍ରୀ ଭ୍ରାମ୍ୟମାଣ ପାଠାଗାର ଭଳି ଯୋଜନା ଆରମ୍ଭ କରିଛନ୍ତି। ବଲାଙ୍ଗୀର ଜିଲାର ବିଭିନ୍ନ ବିଦ୍ୟାଳୟକୁ ଭ୍ରାମ୍ୟମାଣ ପାଠାଗାର ଯାନ ଧରି ସେ ଗସ୍ତ କରୁଛନ୍ତି। ମଙ୍ଗଳବାର ସାହିତ୍ୟିକ କୁମ୍ଭାର ଟିଟିଲାଗଡ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ର ପୁସ୍ତକ ଅଧ୍ୟୟନ ପରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ତ୍ରିପତି ଖର୍ସେଲ, ହୃଦୟ ମହାରଣା, ଚନ୍ଦନ ବାଗ, ଅଜିତ ପାତ୍ର, ଅଭିଷେକ ଜାଲଙ୍କୁ ମାନପତ୍ର ସହ ଉପହାର ପ୍ରଦାନ କରାଯାଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ଡଃ ଯୁଗଲ କିଶୋର ଷଡଙ୍ଗୀ, ଅବସରପ୍ରାପ୍ତ ଶିକ୍ଷକ ଜ୍ୟୋତିପ୍ରକାଶ ଗଡତିଆ, ଶିକ୍ଷକ ଯୋଗେଶ ମିଶ୍ର ପୁସ୍ତକ, ପତ୍ରପତ୍ରିକା ପଠନ ପ୍ରତି ପିଲାମାନେ ଜିଜ୍ଞାସା ବୃଦ୍ଧି ପାଇଁ ପରାମର୍ଶ ଦେଇଥିଲେ। ଡଃ ଷଡଙ୍ଗୀ ଏହି ଅବସରରେ ୩୧ ଖଣ୍ଡ ପୁସ୍ତକ ବିଦ୍ୟାଳୟର ପାଠାଗାରକୁ ଦାନ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଚିନ୍ତାରେ ପକାଇଲା ଧାନ ଫସଲରେ ରୋଗ

- ଖେତ ବୁଲିଲେ କୃଷି ବିଭାଗ କର୍ମଚାରୀ
- କୀଟନାଶକ ସିଞ୍ଚନ ନେଇ ଦେଲେ ପରାମର୍ଶ
- ବିଳମ୍ବ ପଦକ୍ଷେପରୁ ଏ ଅବସ୍ଥା କହିଲେ ଚାଷୀ

ଲୋଇସିଂହା,୧୮।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତ ଅଞ୍ଚଳରେ ଏକମାସ ହେଲା ଧାନ ଫସଲରେ ରୋଗପୋକ ପ୍ରାଦୁର୍ଭାବ ଦେଖାଦେଇଛି । ମଙ୍ଗଳବାର ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ଉମାଶଙ୍କର ମିଶ୍ର, କୃଷି ଓଭରସିୟର ପ୍ରସନ୍ନ ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ସଙ୍ଗୀତା ଦାସ ବୁଢୀପଦର ପଞ୍ଚାୟତ ଗସ୍ତ କରି ଧାନଖେତ ପରିଦର୍ଶନ କରି ଚାଷୀଙ୍କୁ ସଚେତନ କରିଥିଲେ।

ବ୍ଲକଗୋଷ୍ଠୀ କୃଷି ଅଧିକାରୀ ମିଶ୍ରଙ୍କ ନେତୃତ୍ୱରେ ୩ ଜଣିଆ ଟିମ ବୁଢୀପଦର ପଞ୍ଚାୟତର ସଲତରପାଲି, ପିପିଲିପାଲି ଓ ଘୁଷୁରାମୁଣ୍ଡା ଗସ୍ତ କରି କେତେକ ଚାଷଜମି ବୁଲି ଦେଖିଥିଲେ। ଶଢା, ବଙ୍କି, ଦୟା, କାଣ୍ଡବିନ୍ଧା, ଛଗୁଡିଆ ରୋଗ ଲାଗିଥିବା ଧାନକ୍ଷେତ୍ରକୁ କୃଷି ବିଭାଗ ଟିମକୁ ଦେଖିଇଥିଲେ ଚାଷୀ। କୃଷି କର୍ମଚାରୀଙ୍କ କ୍ଷେତ୍ର ପରିଦର୍ଶନ ଅଭାବରୁ ରୋଗପୋକ ବଢିଥିବା ଚାଷୀମାନେ ଅଭିଯୋଗ ଆଣିଥିଲେ। କ୍ଷେତ୍ର ପରିଦର୍ଶନ ପରେ ଘୁଷୁରାମୁଣ୍ଡା ଗାଁରେ ଚାଷୀଙ୍କୁ ନେଇ କୃଷି ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଚାଷୀମାନେ କହିଥିଲେ ସେମାନେ କୀଟନାଶକ କିଣି ଖେତରେ ପ୍ରୟୋଗ କରିଥିଲେ। ହେଲେ ତାହା କାମ କରି ନ ଥିଲା। ଘୁଷୁରାମୁଣ୍ଡା ଗାଁର ଅର୍ଜୁନ ସାହୁ, ମଠ ବାବା ଡୋଲାମଣୀ ଦାସ, ସହଦେବ ତେଜି, ଗୌର ଧରୁଆ,ଅଲେଖ ମହେର ପ୍ରମୁଖ ଚାଷୀ ସେମାନଙ୍କ ଫସଲ ରୋଗପୋକ ଯୋଗୁ ନଷ୍ଟ ହୋଇଥିବା କୃଷି ଅଧିକାରୀଙ୍କୁ ଜଣାଇଥିଲେ। କେଉଁ ରୋଗ ପାଇଁ କେଉଁ ଔଷଧ ଏବଂ କେତେ ପରିମାଣ ପ୍ରୟୋଗ କରାଯିବ ସେ ନେଇ କୃଷି ଅଧିକାରୀ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଚାଷୀମାନେ ଔଷଧ କିଣି ବିଲ୍ ଦେଲା ପରେ ସବ୍‌ସିଡି ଟଙ୍କା ଚାଷୀଙ୍କ ଆକଉଣ୍ଟରେ ପଡିବ ବୋଲି ଅଧିକାରୀମାନେ କହିଥିଲେ। ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ମିଶ୍ର କହିଛନ୍ତି, କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କୁ ବିଭିନ୍ନ ପରାମର୍ଶ ଦିଆଯାଇଛି। କୀଟନାଶକ ପ୍ରୟୋଗ ପରେ ରୋଗପୋକ ନିୟନ୍ତ୍ରଣକୁ ଆସିଯିବ ବୋଲି ସେ କହିଛନ୍ତି।



ରୋଗପୋକ ପ୍ରଭାବିତ କ୍ଷେତରେ ଚାଷୀଙ୍କ ସହ କୃଷି ବିଭାଗ ଅଧିକାରୀ ଆଲୋଚନା କରୁଛନ୍ତି।

**ଗାଁ ଗାଁରେ କୋସଲ ଅଭିଯାନ**

ବରଗଡ଼ ଅଫିସ୍: କୋସଲ ଯୁବଶକ୍ତି ତରଫରୁ ଗାଁ ଗାଁକୁ କୋସଲ ଅଭିଯାନ ଆରମ୍ଭ ହୋଇଛି। କୋସଲ ଆନ୍ଦୋଳନରେ ସାମିଲ ହେବା ପାଇଁ ଏଥିରେ ଲୋକଙ୍କୁ ସଚେତନ କରାଯାଉଛି। ଏହି କ୍ରମରେ ବରଗଡ ଜିଲା ଗାଇସିଲେଟ ବ୍ଲକ ରାଏସଲପଦର ପଞ୍ଚାୟତ ଏବଂ ଶରଧାପାଲି ପଞ୍ଚାୟତର ଗ୍ରାମ ଗୁଡ଼ିକୁ କୋସଲ ଯୁବଶକ୍ତିର ସଭ୍ୟମାନେ ପହଞ୍ଚି ପଦଯାତ୍ରା, ପଥପ୍ରାନ୍ତ ସଭା କରିଥିଲେ। ଏହା ସହିତ ଆନ୍ଦୋଳନ ପାଇଁ ସଭ୍ୟ ଏବଂ ପାଣ୍ଠି ସଂଗ୍ରହ ମଧ୍ୟ କରାଯାଇଥିଲା। କୋସଲ ଯୁବଶକ୍ତି ତରଫରୁ ଲାଲାଜି ଝାଙ୍କର, ସୁଜିତ ପାତ୍ର, ବିଷ୍ଣୁକେଶ ଦିଶ୍ରୀ, ବଲ୍ଲଭ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବିଜେଡି ଲୋକଙ୍କ ସେବାରେ ସମର୍ପିତ

**ବୀରମହାରାଜପୁରରେ ବିଜେଡିର ପଦଯାତ୍ରା**



**ଅମରପାଲି,୧୮।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠର ବିଭିନ୍ନ ସ୍ଥାନରେ ମଙ୍ଗଳବାର ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଟାଙ୍ଗରସାହିଠାରୁ ବିଜେଡିର ପଦଯାତ୍ରା ବିଧାୟକ ପଦ୍ମନାଭ ବେହେରାଙ୍କ ନେତୃତ୍ୱରେ ବାହାରିଥିଲା। ଦଳୀୟ କର୍ମୀ ଓ ଶୁଭେଚ୍ଛୁଙ୍କ ଗହଣରେ ବୀରମହାରାଜପୁର ବସଷ୍ଟାଣ୍ଡ ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ହନୁମାନ ଛକ, ରଥସାହି, ଝାରକୁମୁଣ୍ଡା, ଚମ୍ପାପୁର, ଚମ୍ପମାଲ ଓ ବାଘମାରୀ ଆଦି ସ୍ଥାନଦେଇ ପଦଯାତ୍ରା କରାଯାଇଥିଲା। ବିଭିନ୍ନ ସ୍ଥାନରେ ନେତୃବର୍ଗଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହିତ ପଥପ୍ରାନ୍ତ ସଭା କରାଯାଇଥିଲା। ଏହି ଅବସରରେ ଦଳୀୟ କର୍ମୀ ଓ ନେତୃମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ଓ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ସହିତ ବିଜେଡି ସାଧାରଣ ଲୋକଙ୍କ ସେବାରେ ସମର୍ପିତ ବୋଲି ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ସ୍ୱୟଂମ୍ଭୁନାଥ ଖଣ୍ଡଗିରି, ଜିଲା ପରିଷଦ ଉପାଧ୍ୟକ୍ଷ ଝାସକେତନ ବଘାର, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ତଥା ବୀରମହାରାଜପୁର ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, ବିଜେଡି ଜିଲା ସଭାପତି ସରୋଜ କମ୍ପ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, ଯୁବ ବିଜେଡି ଜିଲା ସଭାପତି ଅଶୋକ ନନ୍ଦ,ବ୍ଲକ ବିଜେଡି ମହିଳା ସଭାନେତ୍ରୀ ସୁପ୍ରଭା ଖେତୀ,ଆଇନଜୀବୀ ପ୍ରଦୀପ ମିଶ୍ର, କିଶୋର ହୋତା, ସତ୍ୟଞ୍ଜୀବ ମିଶ୍ର, ଧୀରେନ୍ଦ୍ର ନାରାୟଣ ପଣ୍ଡା, ବିହାରୀ ଲାଲ ମିଶ୍ର,ସରପଞ୍ଚ ମହେନ୍ଦ୍ର ଜଗଦଲା, ପୀତାମ୍ବର ସାହୁ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୨୦ତାରିଖରେ ସୁବଲୟା ଜୋନର କେନଝିରିଆପାଲି, ବହଳପଦର, ଦୁର୍ଜନତୈଳା ପ୍ରଭୃତି ପଞ୍ଚାୟତରେ ପଦଯାତ୍ରା ହେବ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି।

### ଭାଗବତ ସପ୍ତାହ ଉଦ୍‌ଯାପିତ

**ଅମରପାଲି,୧୮।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସରରେ ୧୧ ତାରିଖରୁ ଚାଲିଥିବା ଭାଗବତ ସପ୍ତାହ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏଥିରେ ବ୍ୟାସ ଭାବରେ ପୁରାଣ ପାଠ କରିଥିଲେ ଉମେଶ ପ୍ରସାଦ ମିଶ୍ର। କର୍ତ୍ତା ଭାବରେ ସନ୍ତୋଷ ଷଡ଼ଙ୍ଗୀ ଓ ତାଙ୍କ ସ୍ତ୍ରୀ ପ୍ରଭାସିନୀ ଷଡ଼ଙ୍ଗୀ କାର୍ଯ୍ୟ ତୁଲାଇଥିଲେ। ପୂଜକ ଆଚାର୍ଯ୍ୟ ସୁଶାନ୍ତ କୁମାର ପୁରୋହିତ ଓ ପଣ୍ଡିତ ବିଶ୍ୱାମିତ୍ର ଚାନ୍ଦ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଜଗନ୍ନାଥ ମହିଳା ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାନେତ୍ରୀ ପଦ୍ମିନୀ ମିଶ୍ର, ସମ୍ପାଦିକା ନିରୂପମା ତ୍ରିପାଠୀ, ଜଗନ୍ନାଥ ମନ୍ଦିରର ମୁଖ୍ୟ ବାଡ଼ଗ୍ରାହୀ ଭଗବାନ ମିଶ୍ର, ବରିଷ୍ଠ ସଦସ୍ୟ ସୁଦାମ ଚରଣ ସେଠୀ,କୋଷାଧ୍ୟକ୍ଷ ଭୂଷଣ କୁମାର ପାତ୍ର, କମିଟିର ସମ୍ପାଦକ ଶମ୍ଭୁ ପ୍ରସାଦ ହୋତା,ସପ୍ତାହ କମିଟିର କୋଷାଧ୍ୟକ୍ଷ ଚମ୍ପେଶ୍ୱର ଦାସ, ଇନ୍ଦ୍ରଜିତ ପରୁଆ,ବଳରାମ କାଣ୍ଡ, ବିଜୟ କୁମାର ତ୍ରିପାଠି, ଅମ୍ବରିଶ ଦାସଙ୍କ ସହିତ ମନ୍ଦିର କମିଟିର କର୍ମକର୍ତ୍ତା ଓ ଭାଗବତ ସପ୍ତାହ ମହିଳା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।ପ୍ରତ୍ୟେକ ଦିନ ଶତାଧିକ ଶ୍ରଦ୍ଧାଳୁ ଭାଗବତ ଶୁଣିବାକୁ ଆସୁଥିଲେ।

### ବାଲି ବୋଝେଇ ଟ୍ରାକ୍ଟର ଜବତ: ୧୦ ହଜାର ଜରିମାନା ଆଦାୟ

**ବାଉଁଶୁଣୀ,୧୮।୧୦(ଡି.ଏନ.ଏ.):** ବୌଦ୍ଧ ତହସିଲ ଅନ୍ତର୍ଗତ ବାଉଁଶୁଣୀ ବାଘନଦୀ ଘାଟରୁ ବେଆଇନ ବାଲି ଚାଲାଣ କରୁଥିବା ଏକ ଟ୍ରାକ୍ଟର ଜବତ କରାଯାଇ ମାଲିକଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ମଙ୍ଗଳବାର ସକାଳେ ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ ସୁଜିତ କୁମାର ସାହୁ ବାଲି ପରିବହନ କରୁଥିବା ଏହି ଟ୍ରାକ୍ଟରକୁ ସିଂଘପାଲି ନିକଟରେ ଅଟକାଇ ଥିଲେ। ସେଠାରେ କାଗଜପତ୍ର ଯାଞ୍ଚ ବେଳେ ଆବଶ୍ୟକ କାଗଜପତ୍ର ନ ଥିବା ଜଣାପଡିଥିଲା। ଫଳରେ ଟ୍ରାକ୍ଟର ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ଏହି ଅଞ୍ଚଳରେ ବାଲି ଚୋରା ଚାଲାଣ ଅବାଧରେ ଚାଲିଛି। ଜରିମାନା ଆଦାୟ ହେଉଥିଲେ ମଧ ଚୋରା ବେପାରୀମାନେ ରାତିରେ ବାଲି ଚାଲାଣ କରିବାକୁ ପଛାଉ ନାହାନ୍ତି।

# ଶେଷ ରଜନୀରେ ମୁରାସୁର ବଧ

**ଅମରପାଲି,୧୮।୧୦(ଡି.ଏନ.ଏ.)**



ଦରବାରରେ ଉପସ୍ଥିତ ଅତିଥିଗଣ।

**ମୁର୍ଷୁଣି ଗଜଲକ୍ଷ୍ମୀ ପୂଜାରେ ମୁରାସୁର ଦରବାର**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣିରେ ହେଉଥିବା ୪୦ତମ ଗଜଲକ୍ଷ୍ମୀ ପୂଜା ଅବସରରେ ମୁରାସୁର ଦରବାରର ମଙ୍ଗଳବାର ଥିଲା ଅନ୍ତିମ ରଜନୀ। ଏହି ଅବସରରେ ପ୍ରଥମ ପର୍ଯ୍ୟାୟରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାସ, ଜାତୀୟ ପୁରସ୍କାରପ୍ରାପ୍ତ ତଥା ବିଶିଷ୍ଟ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ, ଯାତ୍ରା ଅଭିନେତା ଗୌରହରି ଦାସ ରାଜ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବୌଦ୍ଧ ଜିଲା ପରିଷଦ ସଦସ୍ୟ ରାଜେଶ ତ୍ରିପାଠୀ, ସୋନପୁର ଜିଲା ପରିଷଦ ସଦସ୍ୟ ମଧୁସୂଦନ ହୋତା, ଖବରଦାତା ଯୁଗଳ କିଶୋର ମିଶ୍ର, ସନ୍ତୋଷ କୁମାର ମିଶ୍ର ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ନାଟ୍ୟାଭିକ୍ରମରେ ମୁରାସୁରଙ୍କ ଦରବାରରେ ନାରଦଙ୍କ ପ୍ରବେଶ, କୃଷ୍ଣବଲ୍ଲଭ ବ୍ରାହ୍ମଣ ଘରେ ଶେଷ ନୃସିଂହ ରୂପେ ଜନ୍ମଗ୍ରହଣ, ଶେଷ ନୃସିଂହଙ୍କୁ ବିଦ୍ୟାଗୁରୁ ରୂପେ ବରଣ କରି ତାଙ୍କୁ ନିଧନ ନ କଲେ ଜୀବନ ପ୍ରତି ବିପଦ ଆସିପାରେ ବୋଲି ମୁରାସୁରଙ୍କୁ ନାରଦଙ୍କ ପରାମର୍ଶ ନାଟକ ପରିବେଷଣ ହୋଇଥିଲା। ଅନ୍ତିମ ରଜନୀରେ ପୂଜା କମିଟିର ସଭାପତି ଲବ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା,ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ଓ ରେଢାଖୋଲ ଏନଏସି ଅଧ୍ୟକ୍ଷ ଶିବରାମ ସାହୁ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚରେ ନାଟ୍ୟାଭିକ୍ରମରେ ଶେଷ ନୃସିଂହଙ୍କ ଦ୍ୱାରା ମୁରାସୁର ବଂଶ ନାଶ ଏବଂ ବିଷ୍ଣୁଙ୍କ ଦ୍ୱାରା ମୁରାସୁର ବଧ ପରିବେଷଣ କରାଯାଇଥିଲା। ଶତାଧିକ ଦର୍ଶକ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହାର ମଜା ନେଇଥିଲେ।

# ଚଢେଇପଙ୍କରେ ଆମ ପୋଲିସ ସମିତି ବୈଠକ

**ଉଲୁଣ୍ଡା,୧୮।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଚଢେଇପଙ୍କଠାରେ ଆମ ପୋଲିସ ସମିତି ସଚେତନତା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉଲୁଣ୍ଡା ଥାନା ପକ୍ଷରୁ ଆୟୋଜିତ ଏହି ବୈଠକରେ ସରପଞ୍ଚ ଦେବଦତ୍ତ ପର୍ଡିଆ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଆଇସି ଚନ୍ଦ୍ର ମୋହନ ସିଂ ଯୋଗଦେଇ ପୋଲିସ ଏବଂ ଜନତାଙ୍କ ମଧ୍ୟରେ ରହୁଥିବା ଦୂରତ୍ୱକୁ କମ କରିବା ଏହି ବୈଠକର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ଏଥିସହିତ ନୂଆ ନିୟମ ଅନୁସାରେ ବାଇକ୍ ଚଲାଇବା ସମୟରେ ହେଲମେଟ ପିନ୍ଧିବା ବାଧ୍ୟତାମୂଳକ, ସାଇବର ଠକାମିରୁ ଦୂରେଇ ରହିବା, ଅପରାଧ କାର୍ଯ୍ୟକଳାପରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କ ବିଷୟରେ ପୋଲିସକୁ ସୂଚନା ଦେଲେ ସୂଚନାଦାତାଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ବ୍ୟବସ୍ଥା ରହିଥିବା ନେଇ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ମଦ କାରବାର ବୃଦ୍ଧି ପାଉଥିବାରୁ ପାରିବାରିକ ଅଶାନ୍ତି ସୃଷ୍ଟି ହେଉଥିବା ବେଳେ ଗ୍ରାମାଞ୍ଚଳରେ ମଦ ବିକ୍ରି ବନ୍ଦ କରିବା ସହ ବେପାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଥିଲେ। ବୈଠକରେ ଚୌଧୁରୀ ଦଳପତି, ଏଏସଆଇ ରବିନ୍ଦ୍ର ମହାନ୍ତି, ଏସଏଚଜି ସଦସ୍ୟା, ସିଆରପି, ଏମବିକେ, ଅଙ୍ଗନୱାଡି କର୍ମୀଙ୍କ ସମେତ ଜନସାଧାରଣ ଯୋଗ ଦେଇଥିଲେ। ପିଇଓ ନରେଶ ତ୍ରୀପାଠୀ ଧନ୍ୟବାଦ ଦେଇଥିଲେ।

# ଓଏଏସ୍ ପାଇଥିବା ରାମକୃଷ୍ଣ ସତ୍ୟରାଜ ଗୁରୁଙ୍କୁ ସମ୍ବର୍ଦ୍ଧନା



ବିଦ୍ୟାଳୟର ଉନ୍ନତି ପାଇଁ ରାମକୃଷ୍ଣ ଚେକ୍ ପ୍ରଦାନ କରୁଛନ୍ତି।

**ସୋନପୁର,୧୮।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ହିକୁଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଓଡିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ରାମକୃଷ୍ଣ ସତ୍ୟରାଜ ଗୁରୁ ୧୮ତମ ସ୍ଥାନ ଅଧିକାର କରି ସଫଳତା ପାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିପାଇଁ ବିଦ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ସୁଶାନ୍ତ ଝାଙ୍କର ଏଥିରେ ଅଧ୍ୟକ୍ଷତା କରିଥିଲେ। ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରାକ୍ତନ ଛାତ୍ର ରାମକୃଷ୍ଣଙ୍କ ସଫଳତା ବିଦ୍ୟାଳୟ ଓ ସ୍ଥାନୀୟ ଅଞ୍ଚଳକୁ ଗୌରବାନ୍ୱିତ କରିଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ମାର୍କଣ୍ଡେଶ୍ୱର ମିଶ୍ର, ପୁରନ୍ଦର କର ଓ ରାଜେନ୍ଦ୍ର ଜଗଦଲା ଯୋଗଦାନ କରିଥିଲେ। ହିକୁଡି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷେତ୍ରବାସୀ ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ମିଶ୍ର ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅତିଥି ବୃନ୍ଦ ରାମକୃଷ୍ଣ ସତ୍ୟରାଜଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ରାମକୃଷ୍ଣ ସତ୍ୟରାଜ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିବା ହିକୁଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ପାଇଁ ମୋ ସ୍କୁଲ ଅଭିଯାନ ଯୋଜନାରେ ୧୦ ହଜାର ଟଙ୍କାର ଚେକ୍ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ କରିଥିଲେ। ଉତ୍ସବରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସତ୍ୟଭାମା ଦାଶ, ମଞ୍ଜୁଲା ମେହେର, ମିନାକ୍ଷୀ ମେହେର, ଛାତ୍ରୀଛାତ୍ର, ସ୍କୁଲ କମିଟିର ସଦସ୍ୟା ସଦସ୍ୟ ଓ ଗ୍ରାମର ସତ୍ୟଶିବ ଗୁରୁ, ଗୁରୁଦତ୍ତ ଗୁରୁ, ତାରାକାନ୍ତ ଗୁରୁ, ଦେବଦତ୍ତ ଗୁରୁ, ପ୍ରଶାନ୍ତ ଦାଶ, ବ୍ୟୋମକେଶ ତ୍ରିପାଠୀ, ସଞ୍ଜୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ରାମକୃଷ୍ଣ ହେଉଛନ୍ତି ହିକୁଡି ସ୍କୁଲର ଶିକ୍ଷୟିତ୍ରୀ ସତ୍ୟଭାମା ମିଶ୍ର ଓ ପ୍ରକୃତି ବନ୍ଧୁ ରାଜୀବ ଲୋଚନ ଗୁରୁଙ୍କ କନିଷ୍ଠ ପୁତ୍ର।

# ଦିଗଶିରା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଖେଳାଳି ଓ ଅତିଥି ମାନେ।

**ଡୁଙ୍ଗୁରିପାଲି,୧୮।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗଶିରା ୫୧ତମ ରନିଙ୍ଗ ଫୁଟବଲ ଟୁର୍ନାମେଣ୍ଟ ଆଜାଦ ଫୁଟବଲ ଆସୋସିଏଶନ ତରଫରୁ ମଙ୍ଗଳବାର ଦିଗଶିରା ଖେଳପଡିଆ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଦିଗଶିରାର ପୂର୍ବତନ ଫୁଟବଲ ଖେଳାଳି ଗୋପାଳ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦିଗଶିରାର ପୂର୍ବତନ ଫୁଟବଲ ଖେଳାଳି ଗୁଣନିଧି ଭୁକ୍ତା, ଡୁଙ୍ଗୁରିପାଲି ସାମ୍ବାଦିକ ସଂଘର ଉପ ସଭାପତି ଦୀନବନ୍ଧୁ ସୁନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଫୁଟବଲ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ଶନିବାର ଏହି ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ଡୁଙ୍ଗୁରିପାଲି ଓ ଲେନପାଲି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଅମୀମାଂସୀତ ରହିବାରୁ ଡୁଙ୍ଗୁରିପାଲି ପେନାଲିଟ ସୁଟଆଉଟରେ ୧ ଗୋଲରେ ବିଜୟୀ ହୋଇଥିଲା। ପୁଣି ଦ୍ୱିତୀୟ ପର୍ଯ୍ୟାୟ ଖେଳ ଦିଗଶିରା ଓ ବକଟି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଡ୍ର ରହିବାରୁ ବକଟି ଦଳ ପେନାଲିଟ ସୁଟ ଆଉଟରେ ବିଜୟୀ ହୋଇଥିଲେ। ଏହି ଫୁଟବଲ ଟୁର୍ନାମେଣ୍ଟକୁ ଦିଗଶିରା ଆଜାଦ ଫୁଟବଲ ଆସୋସିଏଶନ ସଂଘର ତୁଳା ପୁଟେଲ, ଉମେଶ ଦଣ୍ଡସେନା, ମନୋହର ଦୀପ, ଶୁଶାନ୍ତ, ଉମା, ପ୍ରଶାନ୍ତ, ସାହିଲ, ରାସନ୍ଦନ, ଦୀପକ, ମହେନ୍ଦ୍ର, ସାଜନ, ନିକାଶ, ଦିବ୍ୟରଞ୍ଜନ, ପ୍ରମୋଦ, ସୁରେନ, ଜାଗ୍ରତ ଜଗା ସହଯୋଗ କରିଥିବା ବେଳେ ଖେଳ କାର୍ଯ୍ୟକ୍ରମର ଧାରା ବିବରଣୀ ଗଣନାଥ ଦର୍ଜୀ ପ୍ରଦାନ କରିଥିଲେ। ଖେଳ ପରିଚାଳନା ହିମାଂଶୁ ସେଠ, ରଘୁନାଥ ସେଠୀ, ସୁରେଶ ନାଏକ କରିଥିଲେ। ଏହି ଫୁଟବଲ ଖେଳକୁ ଆଖପାଖ ଗାଁର ବହୁସଂଖ୍ୟକ ଦର୍ଶକ ଦେଖିବାର ସୁଯୋଗ ପାଇଥିଲେ।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ତରଭା।୧୮।୧୦(ଡି.ଏନ.ଏ.)**

ତରଭା ବ୍ଲକ ଅନ୍ତର୍ଗତ ଦୁବୁଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦୁଲୁଣ୍ଡା, ନାଧାରା, ନରଡା, ଫଳସାପଦର, ସୁରୁଜମୁଣ୍ଡା, ଝାରମୁଣ୍ଡା, ପୁରୁଣାପାଣି ପ୍ରଭୃତି ବିଦ୍ୟାଳୟର ୧୪୯ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଚତୁର୍ଥରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀ ୧୭ ଗୋଟି ବିଭାଗ ର ସିନିଅର ଓ ଜୁନିଅର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହାଛଡା ଭିନ୍ନକ୍ଷମ ଛାତ୍ରୀ ମାମାଶ୍ରୀ ମିଶ୍ର ଚିତ୍ରାଙ୍କନ ଓ କଣ୍ଠ ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଗ୍ରହଣ କରିଥିଲେ। ଏହି ଅବସରରେ ସିଆରସିସି ମନମୋହନ ଛତ୍ରିଆଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ମୁଖ୍ୟଅତିଥି ଭାବେ ବିଇଓ ଶାନ୍ତନୁ କୁମ୍ଭକାର, ଅତିଥି ରୂପେ ଏବିଇଓ ବିରେଶ ନାଏକ, ସମିତି ସଭ୍ୟ ସୁବାସ ସୁନା ଯୋଗଦେଇ ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନ ଆଣିବା ପାଇଁ ଏହା ଏକ ପ୍ରୟାସ ବୋଲି ମତପ୍ରକାଶ କରିଥିଲେ। ୧୭ଟି ବିଭାଗ ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସତର ଜଣ ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନୀତ ହୋଇଥିଲେ। ବିଚାରକ ଭାବେ ଦୁଃଖିଶ୍ୟାମ ମିଶ୍ର ଓ ଗିରିଶ ଚନ୍ଦ୍ର ବର୍ଗତି ଦାୟିତ୍ୱ ନେଇଥିଲେ। ଏଥିରେ ଶିକ୍ଷକ ଦେବେନ୍ଦ୍ର ମିଶ୍ର, ହାରମାଳି ନାଗ, ପାଞ୍ଚାଳୀ କଳତା, ସମ୍ପତ୍ତିନାଏକ, ନୀଳାଞ୍ଚଳ ଭୋଇ, ପ୍ରଦୀପ ବରାଳ, ଅଶୋକ ସାହୁ, ରମେଶ ସାହୁ, ସମ୍ପତ୍ତି ଘିବେଲା, କନ୍ଦର୍ପ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ତରଭା ବ୍ଲକର ସିଂହାରୀ, କୁମ୍ଭାରମୁଣ୍ଡା,ବଘିଆ, ସରଗଜ, ଚାରଭଟା, ମାରାଡୁଗୋଛା ଓ ବ୍ରାହ୍ମଣୀ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସୋନପୁର କଲେଜରେ ଅଗ୍ନିବୀର କର୍ମଶାଳା

**ସୋନପୁର,୧୮।୧୦(ନି.ପ୍ର.)**



କର୍ମଶାଳାରେ ଭାରତୀୟ ବାୟୁସେନାର ଅଧିକାରୀ ଅଗ୍ନିବୀର ଯୋଜନା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଉଛନ୍ତି।

ସୋନପୁର କଲେଜର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ କଲେଜ ପରିସରରେ ମଙ୍ଗଳବାର ଅଗ୍ନିବୀର ଯୋଜନା ସମ୍ପର୍କରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଲେଫ୍ଟନାଣ୍ଟ ଅନନ୍ତ ନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ କଲେଜର ଅଧ୍ୟକ୍ଷ ପ୍ରଫେସର ରାଜୀବ ଲୋଚନ ଆଚାର୍ଯ୍ୟ ଯୋଗଦାନ କରି ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଦେଶ ପାଇଁ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଭାରତୀୟ ବାୟୁସେନାର ବି.କେ.ସାହୁ ଓ ହରପ୍ରୀତ ସିଂହ ଅଗ୍ନିବୀରରେ ଯୋଗଦେବାର ଉତ୍କର୍ଷତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଜିଲା ନିୟୋଜନ ଅଧିକାରୀ ସଞ୍ଜୁକୁମାରୀ ସାହୁ ଛାତ୍ରୀଛାତ୍ରଙ୍କ କ୍ୟାରିୟର କାଉନସେଲିଂ କରିଥିଲେ। କର୍ମଶାଳାରେ ଅଧାପକ ସୌରଭ ରଞ୍ଜନ ଖମାରୀଙ୍କ ସମେତ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କଲେଜର ଏନସିସି ଅଫିସର ଲେଫ୍ଟନାଣ୍ଟ ଆଶିଷ କୁମାର ଅଗ୍ରୱାଲା ଧନ୍ୟବାଦ ଅର୍ପଣ କରିଥିଲେ।

# ସିମେଣ୍ଟନଗର, ଲୁରୁପାଲି ବିଜୟୀ

**ବରଗଡ଼ ଅଫିସ୍,୧୮।୧୦**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟେଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ସିମେଣ୍ଟନଗର ଏବଂ ଲୁରୁପାଲି ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ପ୍ରଥମ ମ୍ୟାଚ ସିମେଣ୍ଟନଗର ଏବଂ ବିଜେପୁର ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା ଏବଂ ସିମେଣ୍ଟନଗର ୪-୨ ଗୋଲରେ ବିଜୟୀ ହୋଇଥିଲା। ଗୋପାଳ ନାୟକ, ସନ୍ତୋଷ ପ୍ରଧାନ, ବଷ୍ଟି ପ୍ରଧାନ, ଝସକେତନ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ସେହିପରି ଲୁରୁପାଲି ଏବଂ ଡୁଙ୍ଗୁରୀ ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା। ଏଥିରେ ଲୁରୁପାଲି ୨-୧ ଗୋଲରେ ବିଜୟୀ ହୋଇଥିଲା। ଦିପେଶ ପ୍ରଧାନ, ପ୍ରଶାନ୍ତ ବେହେରା, ଶଙ୍କର୍ଷଣ ପ୍ରଧାନ, ରଞ୍ଜୁ ଛତ୍ରିଆ ମ୍ୟାଚ ପରିଚାଳନା କରିଥିଲେ।

# ଆମ ପୋଲିସ ସମିତି ବୈଠକ





ବୈଠକରେ ପୋଲିସ ଓ ଜନସାଧାରଣ।

**ବାଉଁଶୁଣୀ,୧୮।୧୦(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ଅନ୍ତର୍ଗତ ବାଉଁଶୁଣୀ ଥାନା ସଭାଗୃହରେ ଥାନା ଅଧିକାରୀ ସସ୍ମିତା ମଗରଙ୍କ ଅଧ୍ୟକ୍ଷତାରେ ଆମ ପୋଲିସ ସମିତିର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ଅଇଁଠୁ ମହାଲିକ ଅତିଥି ଭାବେ ଯୋଗଦେଇ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ କିଭଳି ସୁସମ୍ପର୍କ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କୁଚିଆ ମଦଦୋକାନ ବନ୍ଦ କରିବା ପାଇଁ ଜନସାଧାରଣ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଥାନା ଅଧିକାରୀ ବିଭିନ୍ନ କ୍ଷେତ୍ରରେ ପୋଲିସକୁ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ବିଭିନ୍ନ ପଞ୍ଚାୟତରେ ଆମ ପୋଲିସ ସମିତି ପକ୍ଷରୁ ବୈଠକ କରାଯାଇ ଲୋକଙ୍କୁ ସଚେତନ କରାଯିବ ବୋଲି ସୂଚନା ଦେଇଥିଲେ। ପରବର୍ତ୍ତୀ ବୈଠକରେ ସ୍ୱୟଂ ସହାୟକା ଗୋଷ୍ଠୀର ସଦସ୍ୟାମାନଙ୍କୁ ସୁଯୋଗ ଦିଆଯିବା ସହ ଆଲୋଚନାରେ ସାମିଲ କରାଯିବ ବୋଲି କହିଥିଲେ। ଏଏସଆଇ ଅବନୀ ରଞ୍ଜନ ବେହେରା, ମଧସୂଦନ କହଁର, ନାଗରାଜ ପ୍ରଧାନ, ବୃନ୍ଦାବତୀ ନାଏକ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ବାଉଁଶୁଣୀ ମଧୁସୂଦନ କହଁର ଧନ୍ୟବାଦ ଦେଇଥିଲେ।

# ବିଜୁ ପଟ୍ଟନାୟକ ପାର୍କର ଦୁରବସ୍ଥା ନେଇ ଅଭିନବ ରାଲି

**ତରଭା,୧୮।୧୦(ଡି.ଏନ.ଏ.)**

- ଆବର୍ଜନା ସଫା କରିବାକୁ ଯାଇ ସୌନ୍ଦର୍ଯ୍ୟକରଣ ନଷ୍ଟ
- କୋକେଇ ଧରି ସହର ପରିକ୍ରମା, ଶୋକବାର୍ତ୍ତା ଲିଫ୍‌ଲେଟ ବଣ୍ଟନ



ଭାଜପା ପକ୍ଷରୁ ଅଭିନବ ରାଲି କରାଯାଉଛି।

ଗତ ୫ବର୍ଷ ତଳେ ତରଭା ସହରରେ ନିର୍ମାଣ କରାଯାଇଥିବା ବିଜୁ ପଟ୍ଟନାୟକ ପାର୍କ ଅବସ୍ଥା ଦିନକୁ ଦିନ ତାର ସୌନ୍ଦର୍ଯ୍ୟ ହରାଇବାରେ ଲାଗିଛି। ଏପରିକି ଆବର୍ଜନା ସଫା କରିବାକୁ ଯାଇ ନିଆଁ ଲଗାଯିବାରୁ ପାର୍କରେ ଲଗାଯାଇଥିବା ଚାଇନିଜ୍ ଘାସ, ଫୁଲ ଗଛ ପୋଡି ଛାରଖାର ହୋଇଯାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ତରଭା ଭାଜପା ପକ୍ଷରୁ ରାମନାରାୟଣ ବେଜଙ୍କ ନେତୃତ୍ୱରେ ଅଭିନବ ଉପାୟରେ ରାଲି କରାଯାଇଥିଲା। ଶ୍ମଶାନକୁ ମୃତଦେହ ନେବା ଭଳି କୋକେଇରେ ପାର୍କର ଘାସକୁ ନେଇ ସହର ପରିକ୍ରମା କରାଯିବା ସହ ତରଭା ବାଳକ ହାଇସ୍କୁଲ ସମ୍ମୁଖରେ ଏହାକୁ ଦାହ କରାଯାଇଥିଲା। ଏହି ଅବସରରେ ଲୋକଙ୍କୁ ଶୋକବାର୍ତ୍ତା ଲେଖାଥିବା ଲିଫ୍‌ଲେଟ ବଣ୍ଟାଯାଇ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏଥିରେ ସୁରେଶ ମହଲା, ପୁରସ୍ତମ ମେହେର, ମାନସ ସାହୁ, ମନୋଜ ନାଏକ, ପ୍ରବୀର ସାହୁ, ସୁବାଷ ସାହୁ, କଲ୍ୟାଣ ନାଏକ, ସଞ୍ଜୀବ ନାଏକ, ରିତେଶ ସାହୁଙ୍କ ସମେତ କର୍ମୀମାନେ ସାମିଲ ଥିଲେ। ସୌନ୍ଦର୍ଯ୍ୟକରଣ ନଷ୍ଟର ବିଧିବଦ୍ଧ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ ହେବ ବୋଲି ବେଜ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ପାର୍କ ତିଆରି ସମୟରେ ବିପୁଳ ପରିମାଣର ଅର୍ଥ ବ୍ୟୟ ହୋଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଦୁଇବର୍ଷ ପରେ ଛୋଟ ପିଲାମାନେ ଖେଳୁଥିବା ବିଭିନ୍ନ ସାମଗ୍ରୀ ଭାଙ୍ଗି ଯାଇଥିଲା। ପ୍ରାୟ ପାଞ୍ଚ ମାସ ତଳେ ଏହି ପାର୍କର ଉନ୍ନତୀକରଣ ପାଇଁ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆସି କାର୍ଯ୍ୟ ଆରମ୍ଭ ହୋଇଥିଲା। ଫଳରେ ଦୀର୍ଘ ଦିନ ବନ୍ଦ ରହିଥିବା ପାର୍କ ଖୋଲି ପୁଣି ଲୋକଙ୍କ ଭିଡ ଜମିଥିଲା। ଚଳିତବର୍ଷ ଆଲୋକୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଥିଲା। ଏହାବ୍ୟତୀତ ତିନିମାସ ତଳେ ଚାଇନିଜ ଘାସ, ବିଭିନ୍ନ ଫୁଲ ତଥା ଆଳଙ୍କାରିକ ଗଛ ଲଗାଯିବା ସହିତ ପିଲାମାନେ ଖେଳିବା ଓ ବ୍ୟାୟାମ କରିବା ପାଇଁ ଲୌହ ଉପକରଣ ସବୁ ଲଗାଯାଇଥିଲା। କିନ୍ତୁ ବିଡମ୍ବନାର ବିଷୟ ଅନାବନା ଘାସ ଓ ଗଛ ଉପାଡି ପରିଷ୍କାର ପରିଚ୍ଛନ୍ନ କରାଯିବା ଆଳରେ ଆବର୍ଜନା ପୋଡିବା ଯୋଗୁ ପାର୍କରେ ଲଗାଯାଇଥିବା ଚାଇନିଜ ଘାସ, ଦାମିକା ଫୁଲ ଗଛ ସବୁ ପୋଡି ଯାଇଥିଲା।

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**କୋକସରା,୧୮।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଦୁର୍ଯ୍ୟୋଧନ ଜୁଏଡ଼ (୩୫)। ଗତ ୧୬ ତାରିଖ ସକାଳେ ମହିଳା ଏକୁଟିଆ ଥିବା ଦେଖି ଘରେ ପଶି ବଳାତ୍କାର କରିଥିଲେ। ଏ ନେଇ ପୀଡିତା କୋକସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତ୍ୱରିତ ପଦକ୍ଷେପ ନେଇ ଯୁବକଙ୍କୁ ଗିରଫ କରିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୫୭/୨୨) ରୁଜୁ ହୋଇଛି।

### ଡମ୍ଫର ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**ସିନାପାଲି,୧୮।୧୦(ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ଥାନା ନିଲଜି ଗ୍ରାମ ଭାଟି ଛକଠାରେ ଡମ୍ଫର ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହଲଦୀମୁଣ୍ଡା ଗ୍ରାମର ତେଜରାଜ ଗହୀର (୪୦) ଓ ହବେଲାଲ ଗହୀର (୪୫)। ଘଟଣାରୁ ପ୍ରକାଶ ଯେ, ଫୋରୱେ ରାସ୍ତା କାମରେ ନିଯୁକ୍ତ ଡମ୍ଫର ଗାଡି (ନଂ.ଓଡିଶାଏଫ ୫୯୬୫) ସିନାପାଲି ପଟୁ ଟିମନପୁର ଯାଉଥିଲା। ଏହି ସମୟରେ ତେଜରାଜ ଓ ହବେଲାଲ ବାଇକ୍ (ନଂ.ଓଡି୨୬ସି୨୪୬୦)ରେ ନିଲଜି ଗ୍ରାମ ଦେଇ ସିନାପାଲି ପଟକୁ ଆସୁଥିବା ବେଳେ ନିଲଜି ଭାଟି ଛକଠାରେ ଏହି ଦୁର୍ଘଟଣା ଘଟିଛି। ଖବର ପାଇ ସିନାପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି। ଖବର ଲେଖିବା ପର୍ଯ୍ୟନ୍ତ ମୃତକଙ୍କ ପରିବାର ଲୋକେ ପହଞ୍ଚି ନ ଥିବା ଜଣାପଡିଛି। ଫୋରୱେ ରାସ୍ତା କାମରେ ନିଯୁକ୍ତି ଡମ୍ଫର ଗାଡିଗୁଡିକ ବେପରୁଆ ଦ୍ରୁତ ଗାଡି ଚାଳନା ଯୋଗୁ ଏପରି ଦୁର୍ଘଟଣା ଘଟିଥିବା ଲୋକେ ଅଭିଯୋଗ କରିଛନ୍ତି।

### ଆଦର୍ଶ ଶିକ୍ଷକ ଭାବେ ହୃଦାନନ୍ଦ ମେହେର ସମ୍ମାନିତ

**ସିନାପାଲି,୧୮।୧୦(ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ପାଲସାପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହୃଦାନନ୍ଦ ମେହେରଙ୍କୁ ରାଜସ୍ଥାନ ଜୟପୁରସ୍ଥିତ ଜାତୀୟ ସଙ୍ଗଠନ ହାଇପେଜ ମିଡିଆ ପକ୍ଷରୁ ଶହେ ପ୍ରଭାବଶାଳୀ ଭାରତୀୟ ଆଦର୍ଶ ଶିକ୍ଷକ ଭାବେ ସମ୍ମାନିତ କରାଯାଇଛି। ଆଦିବାସୀ ବହୁଳ ଗ୍ରାମାଞ୍ଚଳ ତଥା ଦାଦନ ପ୍ରବଣ ଅଞ୍ଚଳରେ ପ୍ରାଥମିକ ଶିକ୍ଷାର ପ୍ରସାର, ଶିକ୍ଷା ସଚେତନତା, ଶିକ୍ଷା ସଙ୍ଗଠନରେ ସଫଳ ନେତୃତ୍ୱ, ଅଭିନବ ଶିକ୍ଷା ପ୍ରଣାଳୀ ତଥା ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ସଫଳ ଉଦ୍ୟମ ସକାଶେ ତାଙ୍କୁ ପ୍ରଭାବଶାଳୀ ଭାରତୀୟ ଆଦର୍ଶ ଶିକ୍ଷକ ଭାବେ ଚୟନ କରାଯାଇଛି। ଗତ ୧୬ ତାରିଖରେ ରାଜସ୍ଥାନ ଜୟପୁରସ୍ଥିତ ଜାତୀୟ ସଙ୍ଗଠନ ହାଇପେଜ ମିଡିଆ ପକ୍ଷରୁ ୟୁଟ୍ୟୁବ ଲାଇଭ ମାଧମରେ ଏହି ସମ୍ମାନ ତଥା ପୁରସ୍କାର ପ୍ରଦାନ କରାଯାଇଥିଲା। ଖବର ପ୍ରସାରିତ ହେବା ପରେ ବିଭିନ୍ନ ମହଲରେ ଖୁସିର ଲହରୀ ଦେଖାଦେଇଥିବା ବେଳେ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷକ, ଅଭିଭାବକ ତଥା ଛାତ୍ରଛାତ୍ରୀଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମେହେର ପୂର୍ବରୁ ରାଜ୍ୟ ତଥା ଜାତୀୟସ୍ତରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଣେ ଆଦର୍ଶ ଶିକ୍ଷକ ଭାବେ ସମ୍ମାନିତ ହୋଇଛନ୍ତି।

# ବିନା ଲାଇସେନ୍ସରେ ଚାଲିଛି ଅନେକ ଦୋକାନ

- ନୀରବଦ୍ରଷ୍ଟା ସାଜିଛି ଖାଦ୍ୟ ସୁରକ୍ଷା, ଯାଞ୍ଚ ବିଭାଗ
- ସରକାରଙ୍କ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି
- ୨୭୨ ଦୋକାନରେ ଚଢାଉ, ୪ଜଣଙ୍କ ନାମରେ ମାମଲା

**ଭବାନୀପାଟଣା,୧୮।୧୦(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ଦିନକୁ ଦିନ ଛତୁ ଫୁଟିଲା ଭଳି ଖାଦ୍ୟ ସାମଗ୍ରୀ ଦୋକାନଗୁଡିକ ବୃଦ୍ଧି ପାଇବାରେ ଲାଗିଛି। ଏଥିରେ ଫୁଟପାଥ୍ ହୋଟେଲ, ବଡ ହୋଟେଲ, ଜଳଖିଆ ଦୋକାନ, ଢାବା, ରେଷ୍ଟୁରାଣ୍ଟ ରହିଛି। ଏହି ସବୁ ଦୋକାନଗୁଡିକରେ ଜଳଖିଆଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଭୋଜନ ଭେଜାଲ କରାଯାଉଥିବା ବେଳେ ସେଗୁଡିକୁ ନିୟମିତ ଭାବେ ଯାଞ୍ଚ କରାଯାଉନାହିଁ। ଅନେକ ମେଳା, ମହୋତ୍ସବରେ ପଡିଥିବା ଜଳଖିଆ, ହୋଟେଲ ଦୋକାନରେ ବାସି ଖାଦ୍ୟ ବିକ୍ରି କରାଯାଉଥିବାବେଳେ ସେଗୁଡିକୁ ମଧ୍ୟ ଯାଞ୍ଚ କରାଯାଉନାହିଁ। ଅନେକ ସମୟରେ ଲୋକମାନେ ବାସି ଖାଦ୍ୟ ଖାଇ ଝାଡାବାନ୍ତିଠାରୁ ଆରମ୍ଭ କରି ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏହି ସବୁ ଦୋକାନର ଖାଦ୍ୟ ଦ୍ରବ୍ୟ ଯାଞ୍ଚ କରିବା ପାଇଁ ଜିଲାରେ ଖାଦ୍ୟ ସୁରକ୍ଷା ଓ ଯାଞ୍ଚ ବିଭାଗ ରହିଛି। ଏହି ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ହେବା କଥା। କିନ୍ତୁ ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜନସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ଏହି ବିଭାଗ ଏବେ ନୀରବଦ୍ରଷ୍ଟା ସାଜିଛି। ଜିଲାରେ ଅନେକ ଖାଦ୍ୟ ସାମଗ୍ରୀ ଦୋକାନ ରହିଥିବାବେଳେ ଅଧିକାଂଶ ଦୋକାନର ଫୁଡ୍ ଲାଇସେନ୍ସ ନାହିଁ। ଦୋକାନ ଖୋଲିବା ପୂର୍ବରୁ ଦୋକାନ ମାଲିକ ଫୁଡ ଲାଇସେନ୍ସ କରିବା ନିୟମ ରହିଛି। ଏଥିପ୍ରତି ଖାଦ୍ୟ ନିରୀକ୍ଷଣ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ଉକ୍ତ ଦୋକାନଗୁଡିକ ଫୁଡ ଲାଇସେନ୍ସ ନ କରି ସରକାରଙ୍କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ଫାଙ୍କୁଛନ୍ତି। ଫଳରେ ସରକାରଙ୍କ ଏହି ବିଭାଗ ଥାଇ ନ ଥିଲା ଭଳି ମନେହେଉଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୧୬ ତାରିଖ ସୁଦ୍ଧା ଜିଲାରେ ଖାଦ୍ୟ ସାମଗ୍ରୀ ଦୋକାନୀ (ବଡ) ୪୫୮ଟି ଓ ୧୫୦୭ଟି କ୍ଷୁଦ୍ର ଦୋକାନୀ ଜିଲା ଖାଦ୍ୟ ସୁରକ୍ଷା ଓ ଯାଞ୍ଚ ବିଭାଗରେ ପଞ୍ଜୀକରଣ କରିଛନ୍ତି। ଏଥିରେ ଛୋଟଦୋକାନୀ ଯେଉଁମାନେ ବାର୍ଷିକ ୧୨ ଲକ୍ଷ ଟଙ୍କାରୁ କମ୍ ଆୟ କରୁଛନ୍ତି ସେମାନେ ୧୦୦ ଟଙ୍କା, ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରୁଥିବା ଦୋକାନୀଙ୍କୁ ୨୦୦୦ ହଜାର ଟଙ୍କା ଦେଉଛନ୍ତି। ସେହିପରି ଜିଲାର ବିଭିନ୍ନ ସ୍ଥାନରେ ୨୭୨ଟି ଖାଦ୍ୟ ଦୋକାନରେ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଏହି ସମୟରେ ଉକ୍ତ ଦୋକାନ ଖାଦ୍ୟ ଦ୍ରବ୍ୟର ନକଲ ନିଆଯାଇ ଲେବ୍ରୋଟେରୀକୁ ପଠାଯାଇଥିଲା। ସେଥିମଧ୍ୟରୁ ମାତ୍ର ୪ଜଣ ଦୋକାନୀ ଖାଦ୍ୟ ଦ୍ରବ୍ୟର ମାନ ଅତିନିମ୍ନମାନ ଓ ଏହା ସ୍ୱାସ୍ଥ୍ୟ ପାଇଁ ହିତକର ନ ଥିବାରୁ ସେମାନଙ୍କ ନାମରେ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଅବଶିଷ୍ଟ ଦୋକାନୀଙ୍କୁ ତାଗିଦ କରିବା ସହ ଆଗକୁ ଏପରି ନ କରିବା ପାଇଁ ସତର୍କ କରାଯାଇଛି। ଏଇ କିଛି ଦିନ ହେଲା ବିଭାଗ ପକ୍ଷରୁ ଖାଦ୍ୟ ସୁରକ୍ଷା ଉପରେ ସଚେତନତା କରିବା ପାଇଁ ସଚେତନତା ରଥ ବାହାରିଛି। ଏହା ଭବାନୀପାଟଣା, କେସିଙ୍ଗା, ଜୁନାଗଡ ଓ ଧର୍ମଗଡ ସହର ବୁଲିବା ସହ ସେଠାକାର ଖାଦ୍ୟ ସାମଗ୍ରୀ ଦୋକାନୀଗୁଡିକୁ ଖାଦ୍ୟ ସୁରକ୍ଷା ଉପରେ ସଚେତନତା କରାଇବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି। ଜିଲାରେ ଗତ କିଛି ଦିନ ମଧ୍ୟରେ ଥୁଆମୂଳ ରାମପୁର, ଜୟପାଟଣା, ଧର୍ମଗଡ ଆଦି ବିଭିନ୍ନ ବ୍ଲକରେ ଝାଡାବାନ୍ତି ବ୍ୟାପିବା ନଜିର ରହିଛି। ବାସିଖାଦ୍ୟ, ଦୂଷିତ ପାଣି ଯୋଗୁ ଏହା ବ୍ୟାପୁଥିବା ଜଣାପଡେ। ଏ ନେଇ ଜିଲା ଖାଦ୍ୟ ନିରୀକ୍ଷକ ଭାରତ ଭୂଷଣ ସ୍ୱାଇଁଙ୍କୁ ପଚାରିବାରୁ ସଚେତନତା ରଥ ବୁଲିବା ଶେଷ ପରେ ଖାଦ୍ୟ ସାମଗ୍ରୀ ଦୋକାନଗୁଡିକୁ ଚଢାଉ କରାଯିବ ବୋଲି କହିଥିଲେ।

**ରିପୋର୍ଟ-ଉତ୍ତମ କୁମାର ଦାଶ**

# ବଣ୍ଟନ ଦାୟିତ୍ୱ ପଞ୍ଚାୟତକୁ ଦିଆଯାଉ




ବ୍ଲକ ସମ୍ମୁଖରେ ସରପଞ୍ଚଙ୍କ ନେତୃତ୍ୱରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

**ଚାଞ୍ଚେର ଗ୍ରାମପଞ୍ଚାୟତ**

- ବ୍ଲକ ଅଫିସ ସମ୍ମୁଖରେ ସରପଞ୍ଚ, ଗ୍ରାମବାସୀଙ୍କ ଧାରଣା
- ପିଡିଏସ ଚାଉଳ ବଣ୍ଟନରେ ଅନିୟମିତତା
- ବିଡିଓଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲେ

**କେସିଙ୍ଗା,୧୮।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଚାଞ୍ଚେର ପଞ୍ଚାୟତରେ ପିଡିଏସ ଚାଉଳ ବଣ୍ଟନରେ ଅନିୟମିତତା ଅଭିଯୋଗ ହେଉଛି। ପଞ୍ଚାୟତରେ ପିଡିଏସ ବଣ୍ଟନ ଦାୟିତ୍ୱରେ ଥିବା ମା' ଜଗଦମ୍ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଦୀର୍ଘ ୧୫ ବର୍ଷ ଧରି ମନମୁଖୀ ଭାବେ ପିଡିଏସ ପ୍ରଦାନ କରୁଥିବାରୁ ଏହାକୁ ବିରୋଧ କରି ଚାଞ୍ଚେର ସରପଞ୍ଚ ଆଞ୍ଜୁ କୁମାରଙ୍କ ସମେତ ଗ୍ରାମବାସୀ ବ୍ଲକ ଅଫିସ ସାମ୍ନାରେ ଆର୍ନିଦ୍ଦିଷ୍ଟକାଳ ପାଇଁ ଧାରଣାରେ ବସିଥିଲେ। ଏ ନେଇ ଚାଞ୍ଚେର ସରପଞ୍ଚ ତଥା ବ୍ଲକ ସରପଞ୍ଚ ସଂଘ ଉପସଭାନେତ୍ରୀ ଅଞ୍ଜୁ କୁମାର ଏହା ପୂର୍ବରୁ ମଧ୍ୟ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରି ପଞ୍ଚାୟତକୁ ପିଡିଏସ ଚାଉଳ ବଣ୍ଟନ ଦାୟିତ୍ୱ ଦେବା ପାଇଁ ଦାବି କରିଥିଲେ। କିନ୍ତୁ ସରକାରଙ୍କ ଗାଇଡ଼ ଲାଇନ ଅନୁସାରେ ପଞ୍ଚାୟତକୁ ପିଡିଏସ ଚାଉଳ ବଣ୍ଟନ ଦାୟିତ୍ୱ ଦେବା ନିୟମ ନ ଥିବାରୁ ଉକ୍ତ ଦାୟିତ୍ୱ ପଞ୍ଚାୟତକୁ ଦେବା ପାଇଁ ବ୍ଲକ ପ୍ରଶାସନ କୌଣସି କ୍ଷମତାନାହିଁ। ଦୀର୍ଘ ଦିନରୁ ଉକ୍ତ ମହିଳା ସ୍ୱୟଂ ସାହାୟିକା ଗୋଷ୍ଠୀ ଚାଉଳ, ଗହମ, କିରୋସିନ ବଣ୍ଟନରେ ବ୍ୟାପକ ଦୁର୍ନୀତି କରିଥିବାରୁ ଚାଞ୍ଚେର ସରପଞ୍ଚ ଆଞ୍ଜୁ କୁମାର ଉକ୍ତ ମହିଳା ଗୋଷ୍ଠୀକୁ ବାଦ୍ ଦେଇ ପଞ୍ଚାୟତକୁ ହସ୍ତାନ୍ତର କରିବାକୁ ଦାବି କରି ମଙ୍ଗଳବାର ଅର୍ନିଦ୍ଦିଷ୍ଟକାଳ ପାଇଁ ଗଣଧାରଣା ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ବିଡିଓ ପ୍ରଫୁଲ୍ଲ କୁମାର ଅଦୁ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ବିଡିଓଙ୍କୁ ପଚାରିବାରୁ ଉପ ଜିଲାପାଳଙ୍କ ସହ ଆଲୋଚନା ପରେ ଅନ୍ୟ ସ୍ୱୟଂ ସହାୟକ ଗୋଷ୍ଠିକୁ ଦାୟିତ୍ୱ ଦିଆଯାଇ ପାରେ ବୋଲି ପ୍ରକାଶ କରିଥିଲେ।

# ଆଇନ ବିଭାଗ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ



ଏକ ଗାଁରେ ଆଇନ ବିଭାଗ ଦ୍ୱାରା ସଚେତନତା କରାଯାଉଛି।

**ଭବାନୀପାଟଣା,୧୮।୧୦(ସ୍ୱ.ପ୍ର.)**

ଶିକ୍ଷା, ଗର୍ଭଧାରଣ ଓ ଜମି ଅଧିକାର ଉପରେ ସଚେତନତା ସୃଷ୍ଟି କରିବାର ଲକ୍ଷ ନେଇ ଭାରତ ସରକାରଙ୍କ ଆଇନ୍ ବିଭାଗ ଏବଂ ଓଡିଶା ସରକାରଙ୍କ ମିଳିତ ଉଦ୍ୟମରେ ଗତ ୩ ତାରିଖଠୁ ଆରମ୍ଭ ହୋଇଥିବା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ମଙ୍ଗଳବାର ଶେଷ ହୋଇଛି। ଏହି ଅଭିଯାନ 'ଶିଶୁମାନଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଆଇନ, ୨୦୦୯', 'ଓଡିଶା ମମତା ଯୋଜନା' ଓ 'ଅନୁସୂଚିତ ଜନଜାତି, ପାରମ୍ପରିକ ଜଙ୍ଗଲ ନିବାସୀ( ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ, ୨୦୦୬' ଉପରେ ହୋଇଥିଲା। ଏହିପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ମଦନପୁର ରାମପୁର, କେସିଙ୍ଗା, ଭବାନୀପାଟଣା, ଜୁନାଗଡ ଆଦି ବିଭିନ୍ନ ବ୍ଲକରେ ଏଲ୍ଇଡି ଗାଡି ମାଧ୍ୟମରେ ଏହି କାର୍ଯ୍ୟକ୍ରମ ସଚେତନତା କରାଯାଇଥିଲା। ଏହି ସମୟରେ ସ୍ଥାନୀୟ ସରପଞ୍ଚ, ଅଙ୍ଗନୱାଡି କର୍ମୀ, ଆଶା ଓ ପ୍ୟାନେଲ ଆଇନଜିବୀମାନେ ଉପସ୍ଥିତ ରହି ସମ୍ବୋଧିତ କରିଥିଲେ। ଓଡିଶାର ଅନେକ ଦୂର ତଥା ଆଭ୍ୟନ୍ତରୀଣ ଗ୍ରାମରେ ଲୋକମାନେ ସରକାରଙ୍କ ମୌଳିକ ଅଧିକାର ଓ କାର୍ଯ୍ୟକ୍ରମ ବିଷୟରେ ଆଂଶିକ ଅବଗତ ଥିଲେ। ପାରମ୍ପରିକ ଆଦିବାସୀ ବାସିନ୍ଦାଙ୍କୁ ଜମି ଅଧିକାର(ପଟ୍ଟା) ବିଷୟରେ ଅବଗତ କରାଯାଇଥିଲା। ଯାହା ଜଙ୍ଗଲ ଅଧିକାର ଆଇନ ୨୦୦୬ ଅଧୀନରେ ସରକାରଙ୍କ ଦ୍ୱାରା ମିଳିପାରିବ। ଓଡିଶା ମମତା ଯୋଜନା ଅଧୀନରେ ଥିବା ସମାଜ ଗରିବ ଓ ଦୁର୍ବଳ ବର୍ଗର ଗର୍ଭବତୀ ମହିଳାମାନେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆର୍ଥିକ ସହାୟତା ଯୋଜନାକୁ ପ୍ରଶଂସା କରିଥିଲେ। ସେହିପରି ସରକାର ୬ ରୁ ୧୪ ବର୍ଷ ବୟସର ପିଲାଙ୍କୁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ବିଷୟରେ ସ୍ଥାନୀୟ ଗରିବ ମା'ବାପା ମଧ୍ୟ ଜାଣିବାକୁ ପାଇଥିଲେ। ଭାରତ ସରକାରଙ୍କ ଆଇନବିଭାଗ ଦ୍ୱାରା ଦିଶା ଯୋଜନାର ଆଇନଗତ ସାକ୍ଷରତା ଓ ଆଇନଗତ ସଚେତନତା କାର୍ଯ୍ୟକ୍ରମ ଅଧୀନରେ ଏହି ଗାଡି ପ୍ରଚାର ଭୁବନେଶ୍ୱର ଅବସ୍ଥିତ ସ୍ୟାଡୋ ଆଡ୍ଭଟାଇଜିଂ ଆଣ୍ଡ କମ୍ୟୁନିକେସନ୍ ପ୍ରଇଭେଟ ଲିମିଟେଡ୍ ଦ୍ୱାରା କରାଯାଇଥିଲା।

# ଜ୍ୟୋତିଷ ରତ୍ନ ଡା. ଅର୍ଜୁନ ଶାସ୍ତ୍ରୀ ଓଡ଼ିଶା ପ୍ରଦେଶ ମହାସଚିବ ମନୋନୀତ

**ସିନାପାଲି,୧୮।୧୦(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତିବନ୍ଧା ପଞ୍ଚାୟତ ଚାରପାଲିର ଅନ୍ତର୍ଜାତୀୟ ଜ୍ୟୋତିଷ ରତ୍ନ ଡା. ଅର୍ଜୁନ ଶାସ୍ତ୍ରୀ ଓଡିଶା ପ୍ରଦେଶ ମହାସଚିବ ଭାବେ ମନୋନୀତ ହୋଇଛନ୍ତି। ରାଷ୍ଟ୍ରୀୟ ଜ୍ୟୋତିଷ ଏବଂ ରୁଦ୍ରାକ୍ଷ ଅନୁସନ୍ଧାନ ସଂସ୍ଥାନ ଆରଜେଆରଏଏସ ଟ୍ରଷ୍ଟ ନିଷ୍ପତ୍ତିକ୍ରମେ ତାଙ୍କୁ ମନୋନୀତ କରାଯାଇଥିବା ଜଣାପଡିଛି। ଡା. ଅର୍ଜୁନ ବାଗ ଶାସ୍ତ୍ରୀଙ୍କ ଏଭଳି ବାରମ୍ବାର ବିଶ୍ୱସ୍ତରୀୟ ସଫଳତା ନେଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ବାର୍ତ୍ତା ଛୁଟୁଛି। ଡା. ଅର୍ଜୁନ ଶାସ୍ତ୍ରୀ ଉପାନ୍ତ ନୂଆପଡା ଜିଲା ଅଖ୍ୟାତ ପଲ୍ଲୀ ଚାରପାଲି ଗ୍ରାମରେ ୧୯୯୭ ସେପ୍ଟେମ୍ବର ୨୭ ତାରିଖରେ ଜ୍ୟୋତିଷ ଦାରୁବ୍ରହ୍ମ ଓ ବାସ୍ତୁରତ୍ନ ଉପାଧି ପ୍ରାପ୍ତ ଜ୍ୟୋତିଷ ମଦନ ବାଗ ଓ ମା ମାଧବିଲତା ବାଗଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ଗ୍ରାମରେ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିବା ବେଳେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପାସ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିଷ ବିହାରରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ପରେ ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟରୁ ଜ୍ୟୋତିଶ ଶାସ୍ତ୍ରରେ ଡିଗ୍ରୀ ହାସଲ କରି ଜ୍ୟୋତିଶ ଶାସ୍ତ୍ର ପ୍ରତି ଆକୃଷ୍ଟ ହୋଇଥିଲେ। ପରେ ଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟ ପୁରୀ ଓ ଭାରତୀୟ ବିଦ୍ୟା ଭବନ ଦିଲ୍ଲୀରୁ ଜ୍ୟୋତିଷ ଶାସ୍ତ୍ରରେ ବିଦ୍ୟା ଅଧ୍ୟୟନ କରି ଜଣେ ନିପୁଣ ଜ୍ୟୋତିଷ ଶାସ୍ତ୍ରବିଦ ଭାବେ ପରିଚିତ ହୋଇପାରିଥିଲେ। ରାଜ୍ୟ ତଥା ଦେଶ ବାହାରେ ଜଣେ ସୁନାମଧନ୍ୟ ଜ୍ୟୋତିଶବିଦ ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ବସ୍ତୁବିଦ ବିଶ୍ୱକର୍ମା କଳ୍ପ ପୁରସ୍କାର, ଜ୍ୟୋତିଶ ଶାସ୍ତ୍ରୀ, ଜ୍ୟୋତିଶ ରତ୍ନ, ଜ୍ୟୋତିଷ ବିଦ୍ୟା ବାରିଧି, ଜ୍ୟୋତିଷ ଭୂଷଣ, ଜ୍ୟୋତିଷ କଳାନିଧି ଭଳି ଅନେକ ଜାତୀୟ ତଥା ଅନ୍ତର୍ଜାତୀୟ ଉପାଧି ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ମହର୍ଷି ପରାସର ଜ୍ୟୋତିଶ ଓ ବାସ୍ତୁ ଅନୁସନ୍ଧାନ କେନ୍ଦ୍ର ନୂଆଦିଲ୍ଲୀ ଓ ଓଡିଶା ଜ୍ୟୋତିଷ ସମିତି ବ୍ରାଣ୍ଡ ଅମ୍ବାସାଡ଼ର ଭାବେ ମଧ୍ୟ ମନୋନୀତ ହୋଇଛନ୍ତି।

# ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା




କର୍ଲାମୁଣ୍ଡା ବ୍ଲକ ଜିଲା ପରିଷଦ ଖ' ଜୋନରେ ଜନସମ୍ପର୍କ ପଦଯାତ୍ରା।

**କର୍ଲାମୁଣ୍ଡା,୧୮।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜିଲା ପରିଷଦ ଖ' ଜୋନର ବିଭିନ୍ନ ଅଞ୍ଚଳରେ ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଯାଇଛି। ଏଥିରେ ନର୍ଲା ନିର୍ବାଚନ ମଣ୍ଡଳୀ ବିଧାୟକ ଭୂପିନ୍ଦର ସିଂ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ରାଜ୍ୟ ପରିଷଦ ସଦସ୍ୟ ଜାକିର ହୁସେନ, କର୍ଲାମୁଣ୍ଡା ବ୍ଲକ ଅଧକ୍ଷ୍ୟା କୁନି ସାହୁ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ସାହୁ, ବ୍ଲକ ବିଜେଡି ଯୁବ ସଭାପତି ସଙ୍ଗୀତ ଭୋଇ, ଜିଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, ବ୍ଲକ ଛାତ୍ର ବିଜେଡି ସଭାପତି ସଲିମ ଶେଖର ରଣା, ରିଷିଡା ସରପଞ୍ଚ ତଥା ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସେବତୀ ରଣା, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ରିତୁ ମଣୀ ନାଗ, ବରିଷ୍ଠ ନେତା ନିବାସ ମିଶ୍ର ପ୍ରମୁଖ ବିଭିନ୍ନ ଗାଁରେ ଲୋକଙ୍କୁ ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି କର୍ମୀ ଦୀନବନ୍ଧୁ ସାହୁ, ବିରଞ୍ଚି ରଣା, କୈଳାସ ପରିଡ଼ା, ପିଣ୍ଟୁ ରଣା, ତ୍ରିସଙ୍ଗ ରଣା, ଡୋଳା ମଣୀ ସାହୁ, ଲକ୍ଷ୍ମୀ ପ୍ରସାଦ ସାହୁ, ଦେବେନ୍ଦ୍ର କୁମାରଙ୍କ ସମେତ ଅନେକ କର୍ମୀ, ନେତାମାନେ ଉପସ୍ଥିତ ଥିଲେ।

# ରାଜକୋଟରୁ ଦାଦନ ଶ୍ରମିକ ନିଖୋଜ

**ଲାଞ୍ଜିଗଡ,୧୮।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ନର୍ଲା ଥାନା ଅନ୍ତର୍ଗତ ଲାଞ୍ଜିଗଡ଼ରୋଡ଼ ଗ୍ରାମପଞ୍ଚାୟତ କିଡିଙ୍ଗ ଗ୍ରାମର ଅଲେଖ ଶବର (୪୮) ରାଜକୋଟରେ ଦାଦନ ଖଟିବାକୁ ଯାଇ ନିଖୋଜ ହେଇଯାଇଛନ୍ତି। ସୂଚନା ଅନୁଯାୟୀ ଏହି ଗ୍ରାମର ଅଲେଖ ଅଞ୍ଚଳରେ କୌଣସି ରୋଜଗାର ନ ମିଳିବାରୁ ଗତ ଅକ୍ଟୋବର ୧୧ ତାରିଖରେ ଦାଦନ ଖଟିବାକୁ ରାଜକୋଟ ଅଭିମୁଖେ ବାହାରି ୧୩ ତାରିଖରେ ପହଞ୍ଚିଥିଲେ। ଆଉ ପହଞ୍ଚିବା ପରେ ରାଜକୋଟରେ ବୁଲାବୁଲି କରିବାକୁ ଯାଇ କେଉଁଆଡେ ନିଖୋଜ ହେଇଯାଇଛନ୍ତି। ସେହି ସହରରେ ପୂର୍ବରୁ କାମ କରୁଥିବା ଗାଁ ଲୋକେ ତଥା ତାଙ୍କ ସାଙ୍ଗରେ ଯାଇଥିବା କିଛି ଲୋକ ଫେରିବା ସମୟ ବିଳମ୍ବରୁ ପାଖାପାଖି ଅଞ୍ଚଳରେ ଖୋଜା ଖୋଜି କରିବା ପରେ ମଧ୍ୟ ପାଇ ନ ଥିଲେ। ଅନ୍ୟପଟେ ଅଲେଖଙ୍କ ସ୍ତ୍ରୀ ସ୍ୱାମୀଙ୍କ ନିଖୋଜ ଖବର ଶୁଣିବା ପରେ କିଛି ସମୟ ନିମନ୍ତେ ଭାରସାମ୍ୟ ହରେଇ ସ୍ତବ୍ଧ ହେଇଯାଇଥିଲେ। ଅଲେଖଙ୍କ ସ୍ତ୍ରୀ, ତାଙ୍କ ପୁତୁରା ଓ ଭାଇ ରବିବାର ନର୍ଲା ଥାନାରେ ଅଲେଖ ନିଖୋଜ ନେଇ ଅଭିଯୋଗ କରିଛନ୍ତି। ନିଖୋଜ ସପ୍ତାହେ ପରେ ମଧ୍ୟ କୌଣସି ସନ୍ଧାନ ନ ମିଳିବାରୁ ପରିବାର ଲୋକ ବିବ୍ରତ ହେଇପଡ଼ିଛନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କୋକସରା,୧୮।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରାଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୋଷଧି ବାଗ ଯୋଗଦେଇ ଉଦଘାଟନ କରିଥିଲେ। ବିଡିଓ ଉତ୍ତମ କୁମାର ବାଗ, ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, କୋକସରା ଜୋନ ୨ ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ ଉପସ୍ଥିତ ରହିଥିଲେ। ଭିନ୍ନକ୍ଷମଙ୍କ ପାଇଁ ରାଜ୍ୟ ସରକାରଙ୍କ ରହିଥିବା ବିଭିନ୍ନ ଯୋଜନା ବିଷୟରେ ସୂଚନା ଦେଇଥିଲେ। ବ୍ଲକର ୨୨ ପଞ୍ଚାୟତରୁ ସମିତି ସଭ୍ୟସଭ୍ୟା ଏବଂ ସରପଞ୍ଚମାନେ ଉପସ୍ଥିତ ରହିଥିଲେ। ଶତାଧିକ ଭିନ୍ନକ୍ଷମ ହିତାଧିକାରୀ ଶିବିରରେ ପଞ୍ଜୀକରଣ କରିଥିଲେ। ଭବାନୀପାଟଣାରୁ ଅସ୍ଥି ଶୈଳ ବିଶେଷଜ୍ଞ ଡାକ୍ତର ସୁନିଲ କୁମାର ପାଢୀ, ମାନସିକ ରୋଗ ବିଶେଷଜ୍ଞ ଡ଼.ପୁଷ୍ପାରାଣି ହେମ୍ରମ, ଇଏନଟି ବିଶେଷଜ୍ଞ ଡ଼. ପ୍ରଦ୍ୟୁମ୍ନ କିଶୋରି ପଣ୍ଡା ଓ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଡ଼. ଶୁଭାଶିଷ ମହାନ୍ତି, ବରିଷ୍ଠ ଶ୍ରବଣବିତ୍ ବାଦଲ କୁମାର ପଟ୍ଟନାୟକ, ଚଳନ ପ୍ରଶିକ୍ଷକ ନିବାସ ଚନ୍ଦ୍ର ସାହୁ ଭିନ୍ନକ୍ଷମଙ୍କ ରୋଗ ପରୀକ୍ଷା ସହ ଆନୁସଙ୍ଗିକ ବ୍ୟବସ୍ଥା କରିଥିଲେ। ଶିବିରରେ ୨୫୩ଜଣ ହିତାଧିକାରୀ ପଞ୍ଜୀକରଣ କରିଥିଲେ। ହିତାଧିକାରୀଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ବସ୍, ଟ୍ରେନ ପାସ, ବୃତ୍ତିଗତ ତାଲିମ, ଦିବ୍ୟାଙ୍ଗ ସହାୟକ ଉପକରଣ, ଡିଆରଆଇ ଋଣ ପାଇଁ ଆବେଦନ କରିଥିବା ବେଳେ ଅନେକଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ଦିବ୍ୟାଙ୍ଗ ସହାୟକ ଉପକରଣ, ବସଟ୍ରେନ ପାସ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।



ବ୍ଲକରେ ଆୟୋଜିତ ଶିବିରରେ ଜଣେ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ

**ବେହେରା,୧୮।୧୦(ଡି.ଏନ.ଏ.)**



ଗ୍ରାମବାସୀ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅଟକ ରଖିଛନ୍ତି।

**ବେହେରା ନୋଡାଲ ସ୍କୁଲ**

- ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବହିଷ୍କାର ଦାବି

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାସ୍ଥ ନୋଡାଲ ଉଚ୍ଚପ୍ରାଥମିକ ଓ କସ୍ତୁରବା ବାଇ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ପୂର୍ବରୁ ଗ୍ରାମବାସୀ ଅଭିଯୋଗ କରି ବରଖାସ୍ତ ଦାବି କରିଥିଲେ। ଏହାର ତଦନ୍ତ ପାଇଁ ମଙ୍ଗଳବାର ଆସିଥିବା ୨ଜଣ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ ସିଆରସିସିଙ୍କୁ ଅଟକ ରଖିଥିଲେ। ଦୀର୍ଘ ସମୟ ଧରି ବୁଝାଶୁଝା ପରେ ୭ ଦିନ ମଧ୍ୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବିଦ୍ୟାଳୟ ତାଲା ବନ୍ଦ କରାଯିବ ବୋଲି ଅଭିଭାବକ, ସ୍କୁଲ ପରିଚାଳନା କମିଟି ସମେତ ଗ୍ରାମବାସୀ ନିଷ୍ପତ୍ତି ନେଇ ଅଧିକାରୀଙ୍କୁ ଛାଡ଼ି ଦେଇଥିଲେ। ସୂଚନା ଅନୁସାରେ ସେପ୍ଟେମ୍ବର ୨୭ ତାରିଖରେ ଗ୍ରାମବାସୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବରଖାସ୍ତ କରି ନୂତନ ପ୍ରଧାନ ଶିକ୍ଷକ ନିଯୁକ୍ତ କରାଯିବାକୁ ଦାବି କରିଥିଲେ। ବେହେରା ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୪୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୪ ବର୍ଷ ହେଲା ପ୍ରଧାନ ଶିକ୍ଷକ ନିଯୁକ୍ତ ହୋଇନାହିଁ। ୪ ବର୍ଷ ହେବ ରାଜକୁମାରୀ ନାୟକ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ସେ କମ୍ ବୟସ୍କା ଓ କମ ଅନୁଭୂତି ସମ୍ପନ୍ନା ହୋଇଥିବାରୁ ପରିଚାଳନାରେ ଅନେକ ତ୍ରୁଟି ରହୁଛି। ବିଦ୍ୟାଳୟକୁ ଆସୁଥିବା ସରକାରୀ ସହାୟତା ବାଟ ମାରଣ ହେବା ସହ ସ୍କୁଲ ପରିସରରେ ଥିବା ଗଛ କାଟି ରୋଷେଇ କରୁଥିବା ଗ୍ରାମବାସୀ ସଙ୍ଗିନ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଧର୍ମଗଡ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅରୁପାନନ୍ଦ ଭୋଇ, ସାରଙ୍ଗ ଧର ମୁଣ୍ଡ ଓ ସିଆରସିସି ମାର୍କଣ୍ଡ ନାଗ ବେହେରା ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ତଦନ୍ତରେ ଆସିଥିଲେ। ଅହେତୁକ ବିଳମ୍ବ ସହ ତଦନ୍ତରେ ଅସନ୍ତୁଷ୍ଟ ହୋଇ ବେହେରା ଗ୍ରାମବାସୀ ୩ଜଣଙ୍କୁ ବିଦ୍ୟାଳୟ ପରିସରରେ ଅଟକ ରଖିଥିଲେ। ଏ ବିଷୟରେ ଧର୍ମଗଡ ବ୍ଲକ ଶିକ୍ଷା ଅଧିକାରୀ ନବ କିଶୋର ଦାସଙ୍କୁ ପଚାରିବାରୁ ତଦନ୍ତ ରିପୋର୍ଟ ଆସିବା ପରେ ସେହି ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ଫୁଟବଲ ବିତରଣ ଉତ୍ସବ

ପାଇକମାଳ (ଡି.ଏନ.ଏ.): ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦ୍ୱାଦଶ କୁମାର ପଧାନଙ୍କ ଅଧ୍ୟକ୍ଷତାରେ ଫୁଟବଲ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କ୍ରୀଡାବିତ୍ କୁସୁମ କୁମାର ରାଓ ଯୋଗଦେଇ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୫ଟି ଫୁଟବଲ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିଥିଲେ। ବବିତା ବେହେରା, ତ୍ରିଲୋଚନ ନାୟକ, ଲଳିତା ବିଶ୍ୱାଳ, ରଜତ ସାହୁ, ଆନଳିନୀ ସେଠ, ମଧୁସ୍ମିତା ମେହେର ପ୍ରମୁଖ ଶିକ୍ଷକ ଉପସ୍ଥିତ ଥିଲେ। ଜ୍ୟୋତିର୍ମୟୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ପଲସଦା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁଶୀଲ ଶିନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଫୁଟବଲ ବିତରଣ କରାଯାଇଛି।

## ସଂକ୍ଷେପରେ

### ବାର୍ଷିକ ଉତ୍ସବ ପାଇଁ ବକ୍ତୃତା ପ୍ରତିଯୋଗିତା

**ବରପାଲି, ୧୮।୧୦(ଡି.ଏନ.ଏ.):** ବରଗଡ ଜିଲା ବରପାଲି ସାମ୍ବାଦିକ ସଂଘର ୩୬ତମ ବାର୍ଷିକୋତ୍ସବ ପାଇଁ ମଙ୍ଗଳବାର ସ୍ଥାନୀୟ ମାରୱାଡ଼ି ଧର୍ମଶାଳାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ବିଚାରକ ଭାବେ ସରସରା ମହାବିଦ୍ୟାଳୟ ଅଧ୍ୟାପକ ଗୋପାଳ ଚନ୍ଦ୍ର ମିଶ୍ର, ସତଲମା ମହାବିଦ୍ୟାଳୟ ଅଧ୍ୟାପକ ଲୋକବନ୍ଧୁ ସାହୁ, ବିଜୟପଲ୍ଲୀ ଜଗନ୍ନାଥ ମହାବିଦ୍ୟାଳୟ ଅଧ୍ୟାପକ କାମପାଳ ପଣ୍ଡା ଯୋଗ ଦେଇଥିଲେ। ନିବେଦିତା ସ୍ୱାଇଁ ଓ ମନୋଜ ପ୍ରଧାନ ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ। ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୬ତାରିଖ ହେବାକୁ ଥିବା ବାର୍ଷିକୋତ୍ସବ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ବରଗଡ ଅଫିସ, ୧୮।୧୦:** ନେହେରୁ ଯୁବକେନ୍ଦ୍ର ବରଗଡ ଶାଖା ଆନୁକୂଲ୍ୟରେ ପଦ୍ମପୁର ଉପଖଣ୍ଡ ମେଲଛାମୁଣ୍ଡା ମହାବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା ସଚେତନତା କାର୍ଯ୍ୟକ୍ରମ ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଏଥିରେ ଅଧକ୍ଷତା କରିଥିଲେ। ଶିବିରରେ ଯୁବକେନ୍ଦ୍ର ଅଧିକାରୀ ଜି. ରୋଶନ ଟଣ୍ଡନ, ବରିଷ୍ଠ ଉପଦେଷ୍ଟା କମିଟି ସଭାପତି ତ୍ରିଲୋଚନ ଶତପଥୀ, ତୁଷାରକାନ୍ତି ମିଶ୍ର, ଘେଁସ ବନ ବିଭାଗ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନଙ୍କ ଗହଣରେ ଛାତ୍ରୀଛାତ୍ର ଏବଂ ଅଧାପନା ମଣ୍ଡଳୀ ବିଦ୍ୟାଳୟ ପରିସର ସଫେଇ କରିଥିଲେ। ପରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ଦିଗରେ ସଚେତନତାମୂଳକ ସାମୂହିକ ସଂକଳ୍ପ ପାଠ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱେଚ୍ଛାସେବୀ ମୁନା ନାଏକ, ଜଗଦୀଶ ସାହୁ ଏବଂ ଚୁଡାମଣି ସାହୁ ସହାୟତା କରିଥିଲେ।

### ଫୁଟବଲ ଖେଳାଳିଙ୍କ ପରଲୋକ

**ବରଗଡ଼ ଅଫିସ୍,୧୮।୧୦:** ବରଗଡ଼ ବ୍ଲକ ବଗେଇବିରା ଗ୍ରାମର ବିଶିଷ୍ଟ କ୍ରୀଡ଼ାବିତ ତଥା ଫୁଟବଲ ଖେଳାଳି ସରୋଜ ପ୍ରଧାନଙ୍କ ମଙ୍ଗଳବାର ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୬୩ବର୍ଷ ହୋଇଥିଲା। ଗତବର୍ଷ ସେ କରୋନାରେ ଆକ୍ରାନ୍ତ ହୋଇ ହୋଇଥିଲେ। ଗତ କିଛିଦିନ ଧରି ସେ ପୁଣି ଅସୁସ୍ଥ ହୋଇ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ପାଇ ବିଧାୟକ ଦେବେଶ ଆଚାର୍ଯ୍ୟ, ବ୍ଲକ ବିଜେଡ଼ି ସଭାପତି ତଥା ସରପଞ୍ଚ ପ୍ରଫୁଲ୍ଲ ନାଏକ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଶିକ୍ଷକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଶେଷ ଦର୍ଶନ ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଜୀରାନଦୀ ସ୍ୱର୍ଗଦ୍ୱାରରେ ଶବଦାହ କରାଯାଇଥିଲା ।

### ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

**ବରଗଡ ଅଫିସ,୧୮।୧୦:** ବରଗଡ ବ୍ଲକ ଦେଓଗାଁ ପଞ୍ଚାୟତ ଅନ୍ତର୍ଗତ ଲହୁଣିପଦରଠାରେ ନବନର୍ମିତ ସ୍ୱାସ୍ଥ୍ୟ ଆରୋଗଁ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ ଯୋଗଦେଇ ଆରୋଗ୍ୟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ପୁଷ୍ପା ଭୋଇ, ସରପଞ୍ଚ ଅହଲ୍ୟା ପ୍ରଧାନ, ସମିତି ସଭ୍ୟ ମାମୁନୀ ପ୍ରଧାନ, ଦିନେଶ ପ୍ରଧାନ, ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରତିଭା ସେନାପତି, ଗଣେଶ ବେହେରା, ଗିରିଧାରୀ ପଟେଲ, ଗୋପାଳ ମହାପାତ୍ର, ଭୈରବ ପ୍ରଧାନ, ରଘୁନାଥ ପ୍ରଧାନ, ପଲସ୍ତି ପ୍ରଧାନ କୈଳାସ ପ୍ରଧାନ, ଅରୁଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବ ସମାଜସେବୀଙ୍କ ପରଲୋକ

**ବରପାଲି, ୧୮।୧୦(ଡି.ଏନ.ଏ.):** ବରଗଡ ଜିଲା ବରପାଲିର ଜଣାଶୁଣା ସମାଜସେବୀ ସିରିଶ ମୁଦୁଲି (୪୫)ଙ୍କ ମଙ୍ଗଳବାର ବିୟୋଗ ଘଟିଛି। ସନ୍ଧ୍ୟା ପ୍ରାୟ ୫ଟାରେ ସେ ଶ୍ୟାମା ଛକଠାରେ ଚା' ପିଇବା ପରେ ହଠାତ୍ ଟଳି ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ସରକାରୀ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିବଂଗତ ମୁଦୁଲି କାଳୀ ପୂଜା କମିଟି, ଶ୍ୟାମା ମ୍ୟାଜିକ କାଲସର ଜଣେ ସକ୍ରିୟ ସଭ୍ୟ ଥିଲେ। ଲୋକଙ୍କ ସୁବିଧା ଅସୁବିଧାରେ ସେ ସହଯୋଗର ହାତ ବଢାଉ ଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି।



ବିଶ୍ୱ ଖାଦ୍ୟ ଦିବସରେ ବରଗଡ ଜିଲା ପାଇକମାଳ ନିକଟ ଭାଙ୍ଗଖୁଁଟି ରଣଜିତପୁରଠାରେ ମଙ୍ଗଳବାର ବାହାରିଥିବା ଶୋଭାଯାତ୍ରା ।

# ପାରମ୍ପରିକ ଖାଦ୍ୟ ଆପଣାଇବାକୁ ଆହ୍ୱାନ

## ବିଶ୍ୱ ଖାଦ୍ୟ ଦିବସ-୨୨ ସମାରୋହ

**ବରଗଡ଼ ଅଫିସ୍/ପାଇକମାଳ, ୧୮।୧୦(ଡି.ଏନ୍.ଏ.)**

ଖାଦ୍ୟଥାଳିରେ ପୁଷ୍ଟିକର ଖାଦ୍ୟର ଅଭାବ ଦେଖାଯାଇଛି। ଫସଲରେ ରାସାୟନିକ ସାର ଏବଂ କୀଟନାଶକର ବହୁଳ ବ୍ୟବହାର ଯୋଗୁ ଖାଦ୍ୟ ପୁଷ୍ଟଯୁକ୍ତ ବଦଳରେ ବିଷଯୁକ୍ତ ହେଉଛି। ଏଥିପାଇଁ ମଣିଷ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛି। ଏହାକୁ ପ୍ରତିହତ କରିବା ପାଇଁ ଆମ ଖାଦ୍ୟଥାଳିକୁ ପୁଣିଥରେ ପାରମ୍ପରିକ ଖାଦ୍ୟ ଫେରାଇ ଆଣିବାକୁ ପଡ଼ିବ ବୋଲି ଅହିଂସା କ୍ଲବ ପକ୍ଷରୁ ବରଗଡ଼ ଜିଲା ପାଇକମାଳ ନିକଟ ଭାଙ୍ଗଖୁଁଟି ରଣଜିତପୁରଠାରେ ଆୟୋଜିତ ବିଶ୍ୱ ଖାଦ୍ୟ ଦିବସ-୨୨ ପାଳନ ଅବସରରେ ମତପ୍ରକାଶ ପାଇଛି।

ଗନ୍ଧମାର୍ଦ୍ଧନ ପର୍ବତରେ ପୂଜାର୍ଚ୍ଚନା ପରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ବାହାରିଥିଲା। ମହିଳାମାନେ ମୁଣ୍ଡରେ କୁଦୋ, ମାଣ୍ଡିଆରେ ସୁସଜ୍ଜିତ ମାଟି କଳସୀ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅହିଂସା କ୍ଲବ ସମ୍ପାଦକ ଶିବ ପ୍ରସାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ରାଇଜ୍ ଏଗେନ୍‌ଷ୍ଟ ହଙ୍ଗର୍ ଇଣ୍ଡିଆର ନିର୍ଦ୍ଦେଶକ ଡୋଲାମଣି ମହାପାତ୍ର, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ପ୍ରବକ୍ତା ସରୋଜ ମହାନ୍ତି, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, କୃଷି ଅଧିକାରୀ ଅମୀୟ କୁମାର ସାହୁ, ରବି ନାରାୟଣ ସେନାପତି, ସୋହେଲା ସିଡ଼ିପିଓ ରାସେଶ୍ୱରୀ ସାହୁ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ସିଂ ବରିହା, ପାଇକମାଳ ସରପଞ୍ଚ ତୁଳାବତୀ ସୁନା, କୃଷକ ନେତା ନାରାୟଣ ସାହୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ସବୁଜ ବିପ୍ଳବ କାରଣରୁ ଆମ ଦେଶରେ ଖାଦ୍ୟରେ ବିବିଧତା ଘୋର ଅଭାବ ଦେଖାଯାଇଛି। ବିଶ୍ୱର ଭୋକିଲା ତାଲିକାରେ ଭାରତର ସ୍ଥାନ ୧୦୭ରେ ରହିଛି। ଏହାକୁ ପ୍ରତିହତ କରିବା ପାଇଁ ପନିପରିବା, ଫଳମୂଳ, ଡାଲିଜାତୀୟ ଖାଦ୍ୟ, ଶାଗ, ଜଙ୍ଗଲ ଜାତୀୟ ଦେଶୀଖାଦ୍ୟକୁ ଆପଣେଇବାକୁ ପଡ଼ିବ ବୋଲି ବକ୍ତାମାନେ ମତ ରଖିଥିଲେ। ଏହି ଅବସରରେ ପାରମ୍ପରିକ ଚାଷ କରୁଥିବା ବିଭିନ୍ନ ଅଞ୍ଚଳର ପ୍ରମୁଖ ଚାଷୀଙ୍କୁ ଖାଦ୍ୟବୀର ଭାବେ ସମ୍ମାନିତ କରାଯାଇଥିଲା। ସାମାଜିକ କାର୍ଯ୍ୟ ଏବଂ ପରିବେଶ ସୁରକ୍ଷା ପାଇଁ ବରଗଡ଼ ସାମ୍ବାଦିକ ସଂଘକୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅହିଂସା କ୍ଲବ ପକ୍ଷରୁ ରଣଜିତପୁରର ପ୍ରାକୃତିକ ପରିବେଶରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ଚାଷୀମାନେ ଯୋଗଦାନ କରିଥିଲେ। ଖାଦ୍ୟ ପ୍ରଦର୍ଶନୀ ସମାରୋହର ମୁଖ୍ୟ ଆକର୍ଷଣ ଥିଲା। ସ୍ଥାନୀୟ ଅଞ୍ଚଳର ୮୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଖାଦ୍ୟ, ପିଠା, ମଣ୍ଡା,ବିଭିନ୍ନ ଶାଗ, ଜଙ୍ଗଲର ଫଳମୂଳ, କନ୍ଦମୂଳ ଜାତୀୟ ଖାଦ୍ୟ, କୁଦୋ, ମାଣ୍ଡିଆ, ସୂଆଁ, ଗୁରଜୀ, କାଙ୍ଗୁ ଆଦିରେ ପ୍ରସ୍ତୁତ ମିଷ୍ଟାନ୍ନ ଇତ୍ୟାଦିକୁ ନେଇ ଖାଦ୍ୟ ପସରା କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ଥିଲା।

# ଆମ୍ବେଦକର ଯୁବକ ସଂଘର ନୂଆଁଖାଇ ଭେଟ୍‌ଘାଟ

**ବରଗଡ ଅଫିସ,୧୮।୧୦**

ବରଗଡ ଜିଲା ଫଟାମୁଣ୍ଡା ଆମ୍ବେଦକର ଯୁବକ ସଂଘ ଆନୁକୂଲ୍ୟରେ ୧୦ମ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି । ନାଟ୍ୟକାର କେଶରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡଃ ଶଙ୍କର ରାମଚନ୍ଦାନି ମୁଖ୍ୟ ଅତିଥି, ସାମାଜିକ କର୍ମୀ ବୀରେନ୍ଦ୍ର ପ୍ରଧାନ, ସୋହେଲା ସିଡିପିଓ ରାଜେଶ୍ୱରୀ ସାହୁ, କବି ମୁନିଲାଲ କୁମ୍ଭାର ସମ୍ମାନିତ ଅତିଥିଭାବେ ଯୋଗଦେଇ ଆମ୍ବେଦକରଙ୍କ ତୈଳଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଂଘ ସଭାପତି ଗୋପବନ୍ଧୁ ଶିକା ସ୍ୱାଗତ ଭାଷଣ ଦେଇଥିବାବେଳେସ୍ ଅଞ୍ଜନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ନୂଆଁଖାଇ କେବଳ ଖୁସି ଆନନ୍ଦର ଉତ୍ସବ ନୁହଁ ବରଂ ମାନବୀୟ ଚେତନାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୂର୍ବରୁ ସ୍ୱୟଂ ସହାୟିକା ଫଟାମୁଣ୍ଡା ଦଳ ଓ ଫଟାମୁଣ୍ଡା ପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ସୁରେନ୍ଦ୍ର କୁମାର ସାହୁ, ଡ଼ଲଫିନ ସୁନା, ଖଟେଶ୍ୱର ବାରିକ, ସୁନୀଲ ବେହେରା, ମୁଗ୍ଧା ଦାସ, ଉଷାକିରଣ କ୍ଷେତ୍ରପାଳ, ହର୍ଷିତା ସୁନା ଓ ବରଗଡ ସମ୍ବାଦିକ ସଂଘ, ଅନ୍ନପୂର୍ଣ୍ଣା ସେବା ସଂଘଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳିତ ହୋଇଥିଲା। ବିଶ୍ୱାମିତ୍ର କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।



ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଜିଲା ପରିଷଦ୍, ପୌର ପରିଷଦ ପାଇଁ ବିଧାୟକଙ୍କ ନୂତନ ପ୍ରତିନିଧି

**ସୋନପୁର,୧୮।୧୦(ନି.ପ୍ର.)**

ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ସୁବର୍ଣ୍ଣପୁର ଜିଲା ପରିଷଦ ଓ ପୌର ପରିଷଦ ପାଇଁ ନୂତନ ପ୍ରତିନିଧି ନିଯୁକ୍ତ କରିଛନ୍ତି । ଏ ନେଇ ମନ୍ତ୍ରୀ ପୂଜାରୀ ଜିଲା ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସୋମବାର ନିଜ ଲେଟର ପ୍ୟାଡ୍‌ରେ ଚିଠି ଲେଖିଛନ୍ତି। ତାଙ୍କ ଅନୁପସ୍ଥିତିରେ ପ୍ରତିନିଧି ଦ୍ୱୟ ବୈଠକରେ ଯୋଗଦେବେ ବୋଲି ଉଲ୍ଲେଖ ରହିଛି। ଜିଲା ପରିଷଦର ପ୍ରତିନିଧିଭାବେ ମନ୍ତ୍ରୀ ସୋନପୁର ବ୍ଲକ ଲଛିପୁର ଅଞ୍ଚଳର ବରିଷ୍ଠ ନେତା ବାସୁଦେବ ରଣାଙ୍କୁ ନିଯୁକ୍ତି ଦେଇଛନ୍ତି। ରଣା ଲଛିପୁର ପଞ୍ଚାୟତର ସରପଞ୍ଚଭାବେ ପୂର୍ବରୁ ଲଗାତର ୩ ଥର ନିର୍ବାଚିତ ହୋଇଥିଲେ। ସେହିପରି ପୌର ପରିଷଦରେ ବିଧାୟକଙ୍କ ପ୍ରତିନିଧି ଭାବେ ଜନ୍ମେଜୟ ପାତ୍ରଙ୍କୁ ନିଯୁକ୍ତି ମିଳିଛି। ସେ ପୂର୍ବରୁ ୭ ନମ୍ବର ୱାର୍ଡରୁ ଦୁଇ ଥର କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ। ଦୀର୍ଘ ବର୍ଷ ଧରି ପାତ୍ର ବିଜେଡିର ସୁବର୍ଣ୍ଣପୁର ଟାଉନ ସଭାପତି ଭାବେ କାର୍ଯ୍ୟ କରି ଆସୁଛନ୍ତି।

# ଇଥାନଲ ପ୍ଲାଣ୍ଟରେ ଉତ୍ତେଜନା

**ବରଗଡ଼ ଅଫିସ,୧୮।୧୦**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବାଉଳସିଂହାସ୍ଥିତ ଇଥାନଲ ପ୍ଲାଣ୍ଟରେ ମଙ୍ଗଳବାର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ନିଯୁକ୍ତି ଦାବି କରି ଅଞ୍ଚଳର ଯୁବକମାନେ ପ୍ଲାଣ୍ଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ଲାଣ୍ଟ କର୍ତ୍ତୃପକ୍ଷ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ଫଳପ୍ରଦ ହୋଇ ନ ଥିଲା। ଆନ୍ଦୋଳନରେ କଟାପାଲି ଗ୍ରାମର ଯୁବକମାନେ ସାମିଲ ଥିଲେ। ବୁଧବାର ପୁଣି ପ୍ଲାଣ୍ଟରେ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ଅଞ୍ଚଳର ଯୁବକମାନେ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି।

# ଭେଡେନ ବାଳକ, ବରପାଲି ବାଳିକା ଚାମ୍ପିୟନ

## ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା

**ବରଗଡ଼ ଅଫିସ, ୧୮।୧୦**

ବରଗଡ଼ ସିମେଣ୍ଟ ନଗର ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଆନ୍ତଃ ବିଦ୍ୟାଳୟ ବାଳିକା, ବାଳକ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ବାଳକ ଫୁଟବଲ ଫାଇନାଲ ଭେଡେନ ବାଳକ ଓ ଅତାବିରା ବାଳକ ମଧ୍ୟରେ ହୋଇଥିଲା। ଟାଇବ୍ରେକରରେ ଭେଡେନ ପ୍ରତିପକ୍ଷ ଅତାବିରାକୁ ୪-୩ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ବାଳିକା ବିଭାଗ ଫାଇନାଲ ଝାରବନ୍ଧ ଓ ବରପାଲି ମଧ୍ୟରେ ହୋଇଥିଲା। ଏଥିରେ ବରପାଲି ୪-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ। ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଛପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲାପାଳ ମୋନୀଷା ବାନର୍ଜୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଭୟ ବାଳିକା, ବାଳକ ବର୍ଗ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ରାଧାକାନ୍ତ ଛତ୍ରୀ ସମ୍ପାଦକୀୟ ବିବରଣୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ବିଇଓ ମୁକୁନ୍ଦ ମହରା, ଚୂଡ଼ାମଣି ବାରିକ, ମଛିନ୍ଦ୍ର ମଲ୍ଲିକ, ପ୍ରଧାନ ଶିକ୍ଷକ ଡ଼. ମନୋଜ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ ।



ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତାରେ ଅତିଥିଙ୍କ ସହ ଚାମ୍ପିୟନ ବାଳକ ଦଳ।



ଅତିଥିଙ୍କ ସହ ଚାମ୍ପିୟନ ବାଳିକା ଦଳ।

# ମୃତ୍ୟୁ ପରେ ଚକ୍ଷୁଦାନ

**ବରଗଡ଼ ଅଫିସ୍,୧୮।୧୦**

ବରଗଡ଼-ଭଟଲି ରାସ୍ତା ଖେଦାପାଲି ନିକଟରେ ସୋମବାର ବିଳମ୍ବିତ ରାତ୍ରିରେ ଏକ ଗାଡ଼ି ଧକ୍କାରେ ଭଟଲିର ରୋହିତ କୁମାର ପଣ୍ଡା(୪୫)ଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ମଙ୍ଗଳବାର ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ତାଙ୍କ ଚକ୍ଷୁଦାନ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଛି। ରୋହିତଙ୍କ ମୃତଦେହ ବ୍ୟବଚ୍ଛେଦ ଅପେକ୍ଷାରେ ପରିବାର ଲୋକେ ଜିଲା ମୁଖ୍ୟ ଡାକ୍ତରଖାନାରେ ଥିଲେ । ଖବର ପାଇ ସେଠାରେ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ପହଞ୍ଚି ମୃତକଙ୍କ ଚକ୍ଷୁଦାନ ପାଇଁ ପରିବାର ଲୋକଙ୍କୁ ବୁଝାଇଥିଲେ। ପରିବାର ଲୋକେ ସେଥିରେ ରାଜି ହୋଇଥିଲେ। ଏହାପରେ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ରହିଥିବା ଦୃଷ୍ଟିଦାନ ଚକ୍ଷୁ ବ୍ୟାଙ୍କର କର୍ମଚାରୀମାନେ ସେଠାରେ ପହଞ୍ଚି ରୋହିତଙ୍କ ଚକ୍ଷୁର କାର୍ଣ୍ଣିଆକୁ ସୁରକ୍ଷିତଭାବେ ସଂଗ୍ରହ କରି ନେଇଥିଲେ ।

# ସରକାରୀ ଜମି ହସ୍ତାନ୍ତର ନ କରିବାକୁ ଦାବିପତ୍ର

**ଜାମଟିକ୍ରା, ୧୮।୧୦(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡଭଗା ପଞ୍ଚାୟତ କେନ୍ଦୁପାଲି ମୌଜାର ଏକ ସରକାରୀ ଜମି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ହସ୍ତାନ୍ତର କରିବା ପାଇଁ ସ୍ଥିର କରାଯାଇଛି। ଏହାକୁ ବିରୋଧ କରି ଗୋଡଭଗା ଦୁର୍ଗାପୂଜା କମିଟି ଓ ମା' ଦୁର୍ଗା କମିଟି ସଦସ୍ୟ ଅତାବିରା ତହସିଲର ଅତିରିକ୍ତ ତହସିଲଦାର ମୟରେଶ ପଣ୍ଡାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ଉଲ୍ଲେଖ କରାଯାଇଛି ଯେ, ଏହି ଜମି ଆବାଦ ଯୋଗ୍ୟ ଅନାବାଦୀ ପତିତ କିସମର। ଏଣୁ ଉକ୍ତ ଜମିକୁ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ନ ଦେଇ ଅଞ୍ଚଳର ଭୂମିହୀନ ପରିବାରକୁ ଦିଆଯାଉ। ଦାବିପତ୍ର ପ୍ରଦାନ ସମୟରେ ଦୁର୍ଗାପୂଜା କମିଟି ଅକ୍ଷୟ କର୍ଣ୍ଣ, ସୁଧିର କୁମାର ଦାସ, ସୁଶାନ୍ତ ରଥ, ସୁରେନ୍ଦ୍ର ଅଗ୍ରୱାଲ, ମଧୁସୂଦନ ଶର୍ମା ଓ ମା'ଦୁର୍ଗା କମିଟିର କୁଳମଣି ପ୍ରଧାନ, ଗୋକୁଳାନନ୍ଦ ଭୋଇ, ସୁରେଶ ଦାସ, ଦେବବ୍ରତ ରଥ, ସତୀଶ ଦାସ, ସୁଧିର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ରେଳ ଧାରଣାରୁ ମୃତଦେହ ଉଦ୍ଧାର

**ବରଗଡ଼ ଅଫିସ୍,୧୮।୧୦:** ବରଗଡ଼ ସହର ଉପକଣ୍ଠ ପାଣିଛତର ରେଳ ଧାରଣାରୁ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ତୋରା ଗ୍ରାମର ମୂଳବାସିନ୍ଦା ତଥା ପାଣିଛତରରେ ଭଡ଼ାଘରେ ରହୁଥିବା କାନ୍ଦରୀ ଛତ୍ରିଆ। ଜିଆରପି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। କାନ୍ଦରୀ ସୋମବାର ରାତ୍ରିରେ ଶୌଚକାର୍ଯ୍ୟ ପାଇଁ ଯାଇ ଆଉ ଘରକୁ ଫେରି ନଥିଲେ। ସକାଳେ ରେଳ ଧାରଣାରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଜିଆରପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତାଙ୍କ ସ୍ୱାମୀ ଏବଂ ୨ଝିଅ ଅଛନ୍ତି।

# ଟାଇବ୍ରେକରରେ ଜାଣ୍ଡୋଲ ବିଜୟୀ



ମୁଖ୍ୟ ଅତିଥି ଖେଳାଳିଙ୍କ ସହିତ କରମର୍ଦ୍ଦନ କରୁଛନ୍ତି।

**ବରଗଡ଼ ଅଫିସ୍,୧୮।୧୦**

ବରଗଡ଼ ଜିଲା ଭେଡ଼େନ ବ୍ଲକ ରେମଣ୍ଡାଠାରେ ଚାଲିଥିବା ଆଜାଦୀ କପ୍ ଫୁଟବଲ ମହୋତ୍ସବରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଜାଣ୍ଡୋଲ ପ୍ରତିପକ୍ଷ ପୁଟପୁଟପାଲିକୁ ଟାଇବ୍ରେକରର ୩-୨ ଗୋଲରେ ହରାଇଛି । ନିର୍ଦ୍ଧାରିତ ସମୟ ସୁଦ୍ଧା ଉଭୟ ଦଳ ୨-୨ ଗୋଲରେ ବରାବର ଥିଲେ । ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା । ଶିବାନନ୍ଦ ଦାଶ, ଚିକୁ ବଡ଼ପଣ୍ଡା, ବିଶିକେଶନ ପ୍ରଧାନ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଜାଣ୍ଡୋଲର ଆକାଶ ରଣା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସଞ୍ଜୟ ନନ୍ଦ ଏବଂ ପର୍ଶୁରାମ ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍ୟୋଗପତି ଚନ୍ଦ୍ରଶେଖର ବାଗ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ବୁଧବାର ଥୁଆପାଲି ଏବଂ ଚିଚିଣ୍ଡା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ପୁସ୍ତକମନସ୍କ ହେବାକୁ ଆହ୍ୱାନ

## ଭ୍ରାମ୍ୟମାଣ ପାଠାଗାରର ବ୍ଲକ ପରିକ୍ରମା

**ବରଗଡ଼ ଅଫିସ, ୧୮।୧୦**

ପୁସ୍ତକ ଚେତନାର ସରୂପ। ମଣିଷର ଚିନ୍ତା, ଚେତନା, ଭାବ ଓ ଆବେଗ ପୁସ୍ତକ ଦାରା ପ୍ରକାଶିତ ହୋଇଥାଏ। ପୁସ୍ତକ ହୃଦୟର କଥା କହିଥାଏ, ଚରିତ୍ରକୁ ମାର୍ଜିତ କରିଥାଏ ଓ ବ୍ୟକ୍ତିକୁ ଶାଣିତ କରିଥାଏ ବୋଲି ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ଦାରା ଆୟୋଜିତ ପିଲାଙ୍କ ପାଖରେ ପାଠାଗାରର ବ୍ଲକ ପରିକ୍ରମା କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତାମାନେ ମତପ୍ରକାଶ କରିଛନ୍ତି। କବିତୀର୍ଥ ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ପ୍ରଧାନାଚାର୍ଯ୍ୟ ନିରଞ୍ଜନ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଘନଶ୍ୟାମ ପାଣିଗ୍ରାହୀ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ରବୀନ୍ଦ୍ର ଗଡତିଆ ଯୋଗଦେଇ ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ପୁସ୍ତକ ମନସ୍କ ହେବାକୁ ଉପଦେଶ ଥିଲେ। ଆଚାର୍ଯ୍ୟ ସୁଶୀଲ କୁମାର ସାହୁ, ପଦ୍ମାକ୍ଷୀ ଶତପଥୀ, ବିସ୍ମିତା ପଧାନ, ତେଜରାଜ ପଟେଲ ଓ ରବୀନ୍ଦ୍ର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପଠିତ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ଚିନ୍ମୟୀ ମେହେର, ରାଜଶ୍ରୀ ସାହୁ ଓ ସୁହାନୀ ଗଡତିଆ ପୁରସ୍କୃତ ହେବା ପାଇଁ ମନୋନୀତ ହୋଇଥିଲେ। ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ଆବାହକ ଡକ୍ଟର ରବିନାରାୟଣ ସାହୁ ପାଠାଗାର ରାଜ୍ୟ ପରିକ୍ରମା ସହ ବରଗଡ଼ ଜିଲାର ସମସ୍ତ ୧୨ଟି ବ୍ଲକ ପରିକ୍ରମା କରିବାର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଚାର୍ଯ୍ୟ ଗୋବିନ୍ଦ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### କାମ କରିବାକୁ ଯାଇ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ମୃତଦେହ ଆଣିବାକୁ ପ୍ରଶାସନ ପକ୍ଷରୁ ୫୦ ହଜାର ଟଙ୍କା ସହାୟତା**

**ବୌଦ୍ଧ,୧୮।୧୦(ସ୍ୱ.ପ୍ର.):** ବୌଦ୍ଧ ସହରସ୍ଥିତ ମୁସଲିମପଡାର ଅବଦୁଲ ଅରବାଜ ଖାଁ (୧୯)ଙ୍କ ତାମିଲନାଡୁରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ସେ ଦୀର୍ଘ ଦୁଇ ବର୍ଷ ହେବ କାମ କରିବାକୁ ତାମିଲନାଡୁ ରାଜ୍ୟର କୋଏମ୍ବାଟୁର ଯାଇଥିଲେ । ସେଠାରେ ଏକ ବେସରକାରୀ କମ୍ପାନୀରେ କାର୍ଯ୍ୟରତ ଥିଲେ । ଗତ ଶନିବାର ଦିନ ଅରବାଜ ଖାଁ କମ୍ପାନୀରୁ କାମ ସାରି ରହୁଥିବା ଘରକୁ ଫେରୁଥିବା ବେଳେ ଏକ ବାଇକ୍ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା । ହେଲେ ପରିବାର ଲୋକ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ମୃତଦେହ ଆଣିବା ପାଇଁ ଚିନ୍ତାରେ ପଡିଯାଇଥିଲେ । ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ବିହିତ ପଦକ୍ଷେପ ନେବାକୁ ଗୁହାରି କରିଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶ ପରେ ବୌଦ୍ଧ ଜିଲା ଶ୍ରମ ଅଧିକାରୀ ତେଜ କୁମାର ବାଗ ମୃତ ଅବଦୁଲ ଅରବାଜ ଖାଁଙ୍କ ଘରକୁ ଯାଇ ତଦନ୍ତ କରିବା ସହ ମୃତଦେହ ଆଣିବାକୁ ପ୍ରୟାସ ଆରମ୍ଭ କରିଥିଲେ । ମଙ୍ଗଳବାର ପ୍ରଶାସନ ପକ୍ଷରୁ ମୃତଦେହ ଆଣିବାର ବ୍ୟବସ୍ଥା କରାଯାଇଛି । ଏହାଛଡା ପ୍ରଶାସନ ପକ୍ଷରୁ ମୃତ ଅରବାଜଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିବା ଜଣାପଡିଛି ।

### ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ବିନିକା,୧୮।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଭାକକ୍ଷରେ ମଙ୍ଗଳବାର ଜିଲା ବିଜୁ ଯୁବ ଜନତା ଦଳର ସଭାପତି ଅଶୋକ ନନ୍ଦଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୧ ତାରିଖରେ ବିଶାଳପାଲି ମହାଦେବ ମନ୍ଦିରରୁ ପୂର୍ବାହ୍ନ ୯ଟା ସମୟ ରେ ପଦଯାତ୍ରା ଆରମ୍ଭ ହୋଇ ବିଭିନ୍ନ ପଞ୍ଚାୟତ ପରିକ୍ରମା କରିବା ପାଇଁ ବୈଠକରେ ସ୍ଥିର ହୋଇଛି । ବୈଠକରେ ବ୍ଲକ ଉପାଧ୍ୟକ୍ଷ ନିର୍ମଳ ଷାଣ୍ଡ, ବ୍ଲକ ଯୁବ ସଭାପତି ପ୍ରକାଶ ଚାନ୍ଦ, ଭଣ୍ଡାର ସରପଞ୍ଚ ରେଙ୍ଗଟୁ ବାଘ, ଜିଲା ପରିଷଦ ସଭ୍ୟ ବଶିଷ୍ଟ ଭରାସାଗର,ବରିଷ୍ଠ ବିଜେଡି ନେତା ଅଚ୍ୟୁତ କଣ୍ଟା, ଦିଲେଶର ହାତୀ, ବଶିଷ୍ଟ ପଣ୍ଡା, ମହେଶ୍ୱର ମହାକୁଡ଼, ସଞ୍ଜୀବ ତ୍ରିପାଠୀଙ୍କ ସମେତ ବିଜେଡି କର୍ମୀ ଯୋଗ ଦେଇଥିଲେ ।

### ସିନ୍ଦୂରପୁର ଓ ଶୁଖା ହାଇସ୍କୁଲରେ ଖୋଲିବ ଯୁକ୍ତଦୁଇ

**ସୁବର୍ଣ୍ଣପୁର ଜିଲା**

**ସୋନପୁର,୧୮।୧୦(ନି.ପ୍ର.):** ଆସନ୍ତା ଶିକ୍ଷାବର୍ଷଠାରୁ ସୁବର୍ଣ୍ଣପୁର ଜିଲାର ସିନ୍ଦୁରପୁର ଶ୍ରୀଗୋପାଳଜୀ ଆଞ୍ଚଳିକ ନୋଡାଲ ହାଇସ୍କୁଲ ଓ ଶୁଖା ନୋଡାଲ ହାଇସ୍କୁଲରେ ଯୁକ୍ତ ଦୁଇ ପାଠ୍ୟକ୍ରମ ଖୋଲିବ । ଜିଲା ପ୍ରଶାସନର ପ୍ରସ୍ତାବ କ୍ରମେ ଏହି ଦୁଇ ହାଇସ୍କୁଲର ପାହ୍ୟା ବୃଦ୍ଧି କରି ଯୁକ୍ତ ଦୁଇ ପାଠ୍ୟକ୍ରମ ଖୋଲିବାକୁ ନିଷ୍ପତ୍ତି ହୋଇଛି। ସରକାରଙ୍କ ଏହି ପଦକ୍ଷେପ ସାକାର ହେଲେ ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର ଉପକୃତ ହେବେ । ଏହାସହିତ ହାଇସ୍କୁଲ ଶିକ୍ଷା ପରେ ଦେଖା ଦେଉଥିବା ଡ୍ରପ୍ ଆଉଟ୍ ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ମତପ୍ରକାଶ ପାଇଛି । ବିନିକା ଜିଲା ପରିଷଦ ଜୋନ-୧ ଅନ୍ତର୍ଗତ ସିନ୍ଦୁରପୁରରେ ଥିବା ଶ୍ରୀ ଗୋପାଳଜୀ ଆଞ୍ଚଳିକ ନୋଡାଲ ହାଇସ୍କୁଲରେ ୨୦୨୧-୨୨ ଶିକ୍ଷାବର୍ଷରେ ୧୦୪ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି । ବିଦ୍ୟାଳୟର ଛାତ୍ରୀଛାତ୍ର ଯୁକ୍ତ ଦୁଇ ପଢିବା ପାଇଁ ୧୦ କିଲୋମିଟର ଦୂର ବିନିକା ସିଦ୍ଧାର୍ଥ ଉଚ୍ଚ ମାଧମିକ ବିଦ୍ୟାଳୟ ଉପରେ ନିର୍ଭର କରୁଛନ୍ତି । ସେହିପରି ଡୁଙ୍ଗୁରିପାଲି ଜିଲା ପରିଷଦ ଜୋନ-୧ ଅନ୍ତର୍ଗତ ଶୁଖା ନୋଡାଲ ହାଇସ୍କୁଲରେ ୨୦୨୧-୨୨ ଶିକ୍ଷା ବର୍ଷରେ ୬୭ ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ଛାତ୍ରୀଛାତ୍ର ୧୧ କିଲୋମିଟର ଦୂର ଡୁଙ୍ଗୁରିପାଲି ଉଚ୍ଚ ମାଧମିକ ବିଦ୍ୟାଳୟକୁ ଯୁକ୍ତ ଦୁଇ ପଢିବାକୁ ଯାଉଛନ୍ତି । ଆସନ୍ତା ଶିକ୍ଷା ବର୍ଷ ଠାରୁ ରାଜ୍ୟର ବିଭିନ୍ନ ଜିଲାରେ ୧୮୩ଟି ହାଇସ୍କୁଲରେ ଯୁକ୍ତ ଦୁଇ ପାଠ୍ୟକ୍ରମ ଖୋଲିବାକୁ ରାଜ୍ୟ ସରକାର ପ୍ରସ୍ତାବ ରଖିଛନ୍ତି । ଯଦି କୌଣସି ଜିଲା ପରିଷଦ ଜୋନରେ ଉଚ୍ଚ ମାଧମିକ ବିଦ୍ୟାଳୟ ନାହିଁ । କିମ୍ବା ପୂର୍ବରୁ ଦିଆ ଯାଇଥିବା ତାଲିକାରୁ ବାଦ୍ ପଡିଛି ସେଗୁଡିକର ନାମ ଅକ୍ଟୋବର ୧୮ ସୁଦ୍ଧା ଦେବାକୁ ବିଭାଗୀୟ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ନିର୍ଦ୍ଦେଶକଙ୍କ ପତ୍ରସଂଖ୍ୟା ୧୧୯୫୭ ଅନୁସାରେ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ପୁନର୍ବାର ପ୍ରସ୍ତାବ ଦେବା ପାଇଁ ଚିଠି କରିଛନ୍ତି ।

# ମଧ୍ୟସ୍ଥଳରେ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନ ଦାବି

**ବଲାଙ୍ଗୀର ଅଫିସ,୧୮।୧୦**

ନୂତନ ପଞ୍ଚାୟତ ଗଠନ ପରେ ଯେଉଁ ସ୍ଥାନରେ ପଞ୍ଚାୟତ କାର୍ଯ୍ୟାଳୟ ଘୋଷଣା କରାଯାଇଛି ତାହା ୪/୫ ଖଣ୍ଡ ଗ୍ରାମବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଏଣୁ ତୁରନ୍ତ ସମସ୍ତ ଗ୍ରାମର କେନ୍ଦ୍ରସ୍ଥଳରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରାଯିବା ଦାବି ନେଇ ମଙ୍ଗଳବାର ଖପ୍ରାଖୋଲ ବ୍ଲକ ମାଲପଡା ଗ୍ରାମପଞ୍ଚାୟତର ୪/୫ ଖଣ୍ଡ ଗ୍ରାମର ଲୋକେ ଜିଲାପାଳ କାର୍ଯ୍ୟାଳୟ ଆସି ଦାବିପତ୍ର ପ୍ରଦାନ କରିଥିଲେ। ୨୦୧୬ ମସିହାରେ ମାଳପଡା ନୂତନ ପଞ୍ଚାୟତ ଗଠନ କରାଯାଇଥିଲା। ଏହି ପଞ୍ଚାୟତ ଗଠନ ପରେ ଜଲପାଙ୍କେଲ, ଫୁଲଝରେ, କହ୍ନେଇଛାପର ଓ ଜାମଚୁଆ ଗ୍ରାମବାସୀ କେନ୍ଦ୍ରସ୍ଥଳରେ ପଞ୍ଚାୟତ କାର୍ଯ୍ୟାଳୟ ଗଠନ ଦାବି କରିଥିଲେ। ମାତ୍ର ସେମାନଙ୍କ ଦାବି ପୂରଣ କରାଯାଇନାହିଁ। ଏହାର ପ୍ରତିବାଦରେ ଏହି ୩/୪ ଖଣ୍ଡ ଗ୍ରାମର ଗ୍ରାମବାସୀ ମଙ୍ଗଳବାର ଜିଲାପାଳ କାର୍ଯ୍ୟାଳୟ ଆସି ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଆଗାମୀ ୮ ଦିନ ଭିତରେ ସେମାନଙ୍କ ଦାବିପୂରଣ ନହେଲେ ଆନ୍ଦୋଳନାତ୍ମକ ପନ୍ଥା


ଜିଲାପାଳ କାର୍ଯ୍ୟାଳୟକୁ ଆସି ଦାବିପତ୍ର ଦେଇଥିବା ମାଳପଡା ଗ୍ରାମ ପଞ୍ଚାୟତବାସୀ।

**■ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୪ ଗ୍ରାମର ଲୋକେ**
**■୮ ଦିନ ଭିତରେ ଦାବିପୂରଣ ନହେଲେ ଆନ୍ଦୋଳନ**

ଅବଲମ୍ବନ କରିବାକୁ ବାଧହେବେ ବୋଲି କହିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଏବେ ମାଲପଡା ପଞ୍ଚାୟତ କାର୍ଯ୍ୟାଳୟକୁ ଜଲପାଙ୍କେଲ ଗ୍ରାମରୁ ୫ କିଲୋମିଟର, ଫୁଲଝରଠାରୁ ୩ କିଲୋମିଟର ଏବଂ କହ୍ନେଇଛାପରଠାରୁ ୯ କିଲୋମିଟର ଦୂରତା ରହିଛି। ଏଥିଯୋଗୁଁ କୌଣସି କାମପାଇଁ ଏହି ଗ୍ରାମର ଲୋକେ ପଞ୍ଚାୟତ କାର୍ଯ୍ୟାଳୟ ଆସିବାକୁ ହେଲେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଭତ୍ତା ନେବାକୁ ଯିବାବେଳେ ବରିଷ୍ଠ ନାଗରିକମାନେ ଅସୁବିଧା ଭୋଗୁଛନ୍ତି। ପୂର୍ବରୁ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବି କଲେ ମଧ ପଦକ୍ଷେପ ନେଇ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ଜଲପାଙ୍କେଲ ଗ୍ରାମର ଲିଙ୍ଗରାଜ ବିଭାର, ୱାର୍ଡସଭ୍ୟ ହାଡୁ ମହାନନ୍ଦ, ନାରାୟଣ ହଂସ, ବୈକୁଣ୍ଠ ପୁଟେଲ, କହ୍ନେଇଛାପର ଗ୍ରାମର ନିରି ଭୈସାଲ, ଘନଶ୍ୟାମ ପୋଡ଼, ୱାର୍ଡସଭ୍ୟ ଅନ୍ଧାରୁ ଭୋଇ, ଲିଙ୍ଗରାଜ ନିଆଲ, ଫୁଲଝର ଗ୍ରାମର ରୁଦ୍ରମଣି ପୁଟେଲ, ଭଣ୍ଡାରି ପୁଟେଲ, ବାସୁଦେବ ମାଝି, ମହେନ୍ଦ୍ର ନାଏକ, ନିଳେନ୍ଦ୍ର ମାଝି, ତୀର୍ଥ ଶବର ଜିଲାପାଳ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ।

# ବ୍ୟାଡମିଣ୍ଟନ ବୈଷୟିକ ଅଧିକାରୀ କର୍ମଶାଳା


ବୈଷୟିକ ଅଧିକାରୀ କର୍ମଶାଳାରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀଙ୍କ ସହ ଅତିଥି ଓ ଆୟୋଜକ।

**ବଲାଙ୍ଗୀର ଅଫିସ,୧୮।୧୦**

ସ୍ଥାନୀୟ ହାଇସ୍କୁଲ ହାଇସ୍କୁଲ ବ୍ୟାଡମିଣ୍ଟନ ଇନଡୋର ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଉପଲକ୍ଷେ ବୈଷୟିକ ଅଧିକାରୀ କର୍ମଶାଳା ମଙ୍ଗଳବାର ଆରମ୍ଭ ହୋଇଛି। ଏହି କର୍ମଶାଳାକୁ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ତର୍ଜାତିକ ମାନ୍ୟତାପ୍ରାପ୍ତ ଅମ୍ପେୟାର ଉଦୟ ସାହାନେ, ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ନିଳିନ କୁମାର, କୋର୍ଟ ଅଫିସିଆଲ କମିଟି ଅଧକ୍ଷ ମନୋରଞ୍ଜନ ଦାଶ, ବୈଷୟିକ ଅଧିକାରୀ ଜୟନ୍ତ ମିଶ୍ର ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ମିଶ୍ର ବଲାଙ୍ଗୀର ଭଳି ପଛୁଆ ଓ ଅନଗ୍ରସର ଅଞ୍ଚଳରେ ଅତ୍ୟାଧୁନିକ ବ୍ୟାଡମିଣ୍ଟନ ଷ୍ଟାଡିୟମ ନିର୍ମାଣ କରାଯିବା ପ୍ରଶଂସାଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଆନ୍ତରିକତା, ଉଦ୍ୟମ ଓ ରାଜନୈତିକ

**ତାଲିମ ନେଉଛନ୍ତି ରାଜ୍ୟର ୩୦ ଜଣ ପ୍ରଶିକ୍ଷାର୍ଥୀ**

ଇଚ୍ଛାଶକ୍ତି ଥିଲେ ସବୁ ସମସ୍ୟା ସମାଧାନ ବାଟ ଆପେ ଫିଟେ ବୋଲି କହିଥିଲେ। କର୍ମଶାଳାରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀଙ୍କୁ ଆଗାମୀ ଦିନରେ ସଫଳ ବୈଷୟିକ ଅଧିକାରୀ ହୋଇ ଜାତୀୟ ଓ ଅନ୍ତର୍ଜାତିକସ୍ତରରେ ସୁନାମ ଅର୍ଜନ କରିବାକୁ ଶୁଭେଚ୍ଛା କଣାଇଥିଲେ।

ଅନ୍ତର୍ଜାତିକମାନ୍ୟତାପ୍ରାପ୍ତଅମ୍ପେୟାର ସାହାନେ ବଲାଙ୍ଗୀର ଇନଡୋର ଷ୍ଟାଡିୟମର ଭିତ୍ତିଭୂମିକୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିସହ ଆୟୋଜକଙ୍କ ଉଦ୍ୟମ, ପ୍ରଶିକ୍ଷାର୍ଥୀ ଏବଂ ଖେଳାଳିଙ୍କ ଉତ୍ସାହ ସଫଳତା ଆଣିଦେବ ବୋଲି କହିଥିଲେ। ବ୍ୟାଡମିଣ୍ଟନ ସଂଘ ସମ୍ପାଦକ କୁମାର ତାଙ୍କ ବକ୍ତବ୍ୟରେ ବଲାଙ୍ଗୀରରେ ଜାତୀୟସ୍ତରରେ ପ୍ରତିଯୋଗିତା କରୋନା ଯୋଗୁଁ ବାତିଲ ହୋଇଗଲା। ଆଗକୁ ଏଠାରେ କିଭଳି ଜାତୀୟ ସ୍ତରରେ ଖେଳ ହେବ ସେଦିଗରେ ଉଦ୍ୟମ କରାଯିବ ବୋଲି କହିଥିଲେ। ଜିଲା ବ୍ୟାଡମିଣ୍ଟନ ସଂଘ କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରାଜ୍ୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ସାଙ୍ଗଠନିକ ସମ୍ପାଦକ ସୁରୁଲାଲ ମଟାରୀ ସଂଯୋଜନା କରିଥିଲେ। ଜିଲା ଉପସଭାପତି ଘନଶ୍ୟାମ ମିଶ୍ର, କୋଅର୍ଡିନେଟର ଆଦିତ୍ୟ କେଜରିୱାଲ, ମ୍ୟାଚ କୋଅର୍ଡିନେଟର ସୁରେନ୍ଦ୍ର ନେପାଳ, ବୈଷୟିକ ଅଧିକାରୀ ଅନନ୍ତ ବେହେରା, ମାନସ ମହାନ୍ତି, ଆଶିଷ ଉପାଧାୟ, ରାଜକିଶୋର ଶତପଥି, ସଭ୍ୟବୀରେନ୍ଦ୍ର ମିଶ୍ର, ଝୁଲୁ ପଟ୍ଟନାୟକ, କବିଚନ୍ଦ୍ର ଠାକୁର, ସୁନୀଲ ବେହେରା, ପ୍ରକାଶ ସାହୁ ଉପସ୍ଥିତ ଥିଲେ। କର୍ମଶାଳାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୩୦ ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଛନ୍ତି। ଏଠାରେ ଆସନ୍ତା ୨୧ରୁ ୧୫ ଓ ୧୭ ବର୍ଷ କମ୍ ବର୍ଗର ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆରମ୍ଭ ହେବ।

## କୋଶଲ ରାଜ୍ୟ ସମନ୍ୱୟ ସମିତିର ବୈଠକ

**ବୌଦ୍ଧ,୧୮।୧୦(ସ୍ୱ.ପ୍ର.)**

ବୌଦ୍ଧର ଏକ ହୋଟେଲ ସମ୍ମିଳନୀ କକ୍ଷଠାରେ ଜିଲା କୋଶଲ ରାଜ୍ୟ ସମନ୍ୱୟ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ଇଞ୍ଜିନିୟର ବିକାଶ ମହାକୁଲଙ୍କ ସଭାପତିତ୍ୱରେ ଏହି ବୈଠକ ହୋଇଥିଲା। କୋଶଲ ରାଜ୍ୟ ସମନ୍ୱୟ ସମିତିର ରାଜ୍ୟ ସଂଯୋଜକ ପ୍ରଶାନ୍ତ ମାଝୀ, କେନ୍ଦ୍ରୀୟ ସଂଗଠନ ସଂପାଦକ ଡୋଳାମଣି ପ୍ରଧାନ, କୋଶଲବାଦୀ ନେତା ବିଭୂତି ମିଶ୍ର, କୋଶଲ ରାଜ୍ୟ ସମନ୍ୱୟ ସମିତିର ଜିଲା ଆବାହକ ଲଳିତ କୁମାର ସାହୁ, ସହସଂପାଦକ ଆନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ କୋଶଲ ରାଜ୍ୟର ଆବଶ୍ୟକତା ଓ ରାଜ୍ୟ ସରକାରଙ୍କ ଅଞ୍ଚଳ ପ୍ରତି ବୈମାତୃକ ମନୋଭାବ ଓ ବିକାଶରେ ପଶ୍ଚିମାଞ୍ଚଳ କିପରି ପଛରେ ପଡିଯାଇଛି ସେ ଉପରେ ଆଲୋଚନା କରିବା ସହ କୋଶଳ ରାଜ୍ୟ ଗଠନ ବିଷୟରେ ମତାମତ ପ୍ରକାଶ କରିଥିଲେ । ଆଗାମୀ ଦିନରେ ଜିଲାରେ କୋଶଲ ଆନ୍ଦୋଳନକୁ ତୃଣମୂଳସ୍ତରରେ ଜୋରଦାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକରେ ତିନି ବ୍ଲକରେ ସଂଗଠନକୁ ସୁଦୃଢ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ଅରୁଣ ମେଣ୍ଡୁଲି, ହେମନ୍ତ ମେହେର, ପ୍ରମୋଦ ମେହେର, ଆକାଶ ମେହେର, ଝସକେତନ ସାହୁ, ମନୋରଞ୍ଜନ ମାହାନା, ଦଣ୍ଡଧର ରଣା, ସତ୍ୟଜିତ ମହାପାତ୍ର, ଚିନ୍ମୟ ସାହୁ, ସସ୍ମିତ ପଟ୍ଟନାୟକ, କେଦାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଦିଲୁ


@ ସରୋଜ


@ ମୁନା


@ ଉପେନ୍ଦ୍ର


@ ରମେଶ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାରେ ଥିଲା ଅତୁଳନୀୟ ଅବଦାନ

**ବଲାଙ୍ଗୀର ଅଫିସ,୧୮।୧୦**

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କଳା ବିଭାଗ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆଲୁମ୍ନି ଆସୋସିଏଶନ୍ ପକ୍ଷରୁ ପ୍ରଫେସର ରବି ଶଙ୍କର ପାଣ୍ଡିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ପାଣ୍ଡିଆଙ୍କ ଫଟୋଚିତ୍ରରେ ପ୍ରଥମେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ରାଜେନ୍ଦ୍ର କଲେଜର ଶୈକ୍ଷିକ ପରିବେଶରେ ଉନ୍ନତି ଆଣିବା ଏବଂ କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଦିଗରେ ପ୍ରଫେସର ରବିଶଙ୍କର ପାଣ୍ଡିଆଙ୍କ ଅତୁଳନୀୟ ଅବଦାନ ରହିଛି ବୋଲି ବକ୍ତାମାନେ ସ୍ମରଣ କରିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ମିଳିବା, ନାକ୍ କମିଟି ଅନୁମୋଦନ ମିଳିବା ଦିଗରେ ପ୍ରଫେସର ପାଣ୍ଡିଆ ଦିନରାତି କାମ କରିଥିଲେ। ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ପରିବେଶ ଆଣିବା, ଅଣଛାତ୍ରଙ୍କ ଦୌରାତ୍ମ ରୋକିବା


ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପ୍ରଫେସର ରବି ଶଙ୍କର ପାଣ୍ଡିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ଦିଗରେ ସେ ନିର୍ଭୀକ ଏବଂ ସାଲିସବିହୀନ କାମ କରି ପଶ୍ଚିମ ଓଡିଶାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ରାଜେନ୍ଦ୍ର କଲେଜର ସୁନାମ ଫେରାଇ ଆଣିଥିଲେ ବୋଲି କହିଥିଲେ।

ପୂର୍ବତନ ରେଜିଷ୍ଟ୍ରାର ଦୁର୍ଗାପ୍ରସନ୍ନ ମହାପାତ୍ରଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ପୂର୍ବତନ କଲେଜ ଅଧକ୍ଷ ଡ. ଅଭିମନ୍ୟୁ ମିଶ୍ର ସ୍ୱର୍ଗତ ପାଣ୍ଡିଆଙ୍କ କଲେଜ ପ୍ରତି ଅତୁଳନୀୟ ତ୍ୟାଗ ସମ୍ପର୍କରେ କହିଥିଲେ। ପୂର୍ବତନ କଲେଜ ଅଧକ୍ଷ ଡ ବିଜନ କୁମାର ଜେନା କିଭଳି ପରିସ୍ଥିତିରେ ରାଜେନ୍ଦ୍ର କଲେଜରେ ଇଣ୍ଟିଗ୍ରେଟେଡ ବିଏଡ ଓ ଏମ୍‌ଏଡ ଶ୍ରେଣୀ ଖୋଲାଯାଇଥିଲା ଓ ଏଦିଗରେ ପ୍ରଫେସର ପାଣ୍ଡିଆଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ କହିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜମି ସମସ୍ୟାକୁ ନେଇ ସେ କିଭଳି ଲଢ଼େଇ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ଆଲୁମ୍ନି ଆସୋସିଏଶନ୍ ସଭାପତି ପ୍ରଭାସ ପାଣିଗ୍ରାହୀ ୧୯୯୦ ମସିହାରୁ ପ୍ରଫେସର ପାଣ୍ଡିଆ ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ କରିବା ଯୋଜନା ପ୍ରସ୍ତୁତ କରି କାମ କରିଥିଲେ ବୋଲି କହିଥିଲେ। ସମ୍ପାଦକ ଭବାନୀ ଶଙ୍କର ଶତପଥି ପ୍ରଫେସର ପାଣ୍ଡିଆ ବଳିଷ୍ଠ ଉଦ୍ୟମରେ କଲେଜର ଜମି ସମସ୍ୟା ସମାଧାନଠୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲଢ଼େଇରେ ବଲାଙ୍ଗୀରବାସୀ ସଫଳ ହୋଇଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ

**ଆଲୁମ୍ନି ଆସୋସିଏଶନ୍ ପକ୍ଷରୁ ପ୍ରଫେସର ରବିଶଙ୍କର ପାଣ୍ଡିଆଙ୍କୁ ଶ୍ରଦ୍ଧାଞ୍ଜଳି**

ଆଲୁମ୍ନି ଆସୋସିଏଶନ୍ ସଦସ୍ୟ ସୁଧୀର ଚାନ୍ଦ, ଅଧାପିକା ସୁମନ ବିନ୍ଦୁ, ସିଦ୍ଧେଶ୍ୱର ମିଶ୍ର, ସ୍ୱର୍ଗତ ପାଣ୍ଡିଆଙ୍କ ସୁପୁତ୍ର ବିପ୍ଳବ କେଶରୀ ପାଣ୍ଡିଆ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଭାପତୀୟ ଅଭିଭାଷଣରେ କୁଳପତି ପ୍ରଫେସର ମହାପାତ୍ର କଲେଜ ଓ ବିଶ୍ୱବିଦ୍ୟାଳୟର ଉନ୍ନତି ଦିଗରେ ସ୍ୱର୍ଗତ ପ୍ରଫେସର ପାଣ୍ଡିଆଙ୍କ ଅତୁଳନୀୟ ଅବଦାନ ରହିଛି ବୋଲି କହିଥିଲେ। ଜଣେ ସୁଦକ୍ଷ ପ୍ରଫେସର, ଲୋକପ୍ରିୟ ଗ୍ରନ୍ଥକାର ଏବଂ ଶ୍ରେଷ୍ଠ ସଙ୍ଗଠକ ଭାବେ ସ୍ୱର୍ଗତ ପାଣ୍ଡିଆ ସବୁଦିନ ମନେ ରହିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ର, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ବହୁ ଅଧାପକ, କର୍ମଚାରୀ ଯୋଗଦାନ କରିଥିଲେ।

## ଏଲଇସିର ସୁବଳୟା କଲେଜ ପରିଦର୍ଶନ

**ଅମରପାଲି,୧୮।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ମହାବିଦ୍ୟାଳୟକୁ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଲୋକାଲ ଇନକ୍ୱାରୀ ଟିମ୍ (ଏଲ.ଇ.ସି)ପରିଦର୍ଶନ କରିଛନ୍ତି। ଉକ୍ତ ଟିମ୍‌ରେ ଟିମ୍‌ର ମୁଖ୍ୟ ଡ.ସତ୍ୟନାରାୟଣ ଚାଉଲିଆ,ଡ.ସୁଶାନ୍ତ କୁମାର ପଣ୍ଡା ଏବଂ ସେକ୍ସନ ଅଫିସର ହରେକୃଷ୍ଣ ହୋତା ପ୍ରମୁଖ ପରିଦର୍ଶନରେ ଆସିଥିଲେ। ସୁବଳୟା ମହାବିଦ୍ୟାଳୟର ଅଧକ୍ଷ ବଳଦେବ ପୂଜାହାରୀ,ପରିଚାଳନା କମିଟିର ବରିଷ୍ଠ ସଭ୍ୟଙ୍କ ସମେତ ଅଧାପକ,କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଟିମ୍ ମହାବିଦ୍ୟାଳୟ ପରିଦର୍ଶନ ସମୟରେ କଲେଜର ସମସ୍ତ କାଗଜ ପତ୍ର ଯାଞ୍ଚ କରିବା ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ।

